୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.45 Bhubaneswar Wednesday March 26 2025 | ୨୭ତମ ବର୍ଷ ସଂଖ୍ୟା–୪୫ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି, ସମଗ୍ର ଦେଶରୁ ଛୁଟୁଛି ସୁଅ



ତାଳଚେର ,୨୫ ।୩ (ପି.ଏନ): ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ଓଡିଶା ବିଜେପି ର ପ୍ରାଣ ପ୍ରତିଷ୍ଠାତା ଡ଼ଃ ଦେବେନ୍ଦ୍ର ପ୍ରଧାନ ଙ୍କର ବିୟୋଗରେ ସମଗ୍ର ଦେଶରୁ ବିଭିନ୍ନ ଅଂଚଳ ରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ, ପ୍ରାକ୍ତନ ମନ୍ତ୍ରୀ, ବିଧାୟକ, ସାଂସଦ, ବିଜେପି ସାଙ୍ଗଠନିକ ନେତୃତ୍ୱ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି,ବିଭିନ୍ନ ସଂଗଠନ ର ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ତାଳଚେର ଆସି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି । ଆଜି ମଙ୍ଗଳବାର ଡ଼ଃ ପ୍ରଧାନଙ୍କର ଦେହାବସାନ ର ନବମ ଦିନରେ ତାଙ୍କର ତାଳଚେର ହାଣ୍ଡିଧୁଆଁ ନିବାସ ସମ୍ପୂର୍ଣ ଭାବେ ଦିନ ତମାମ ଲୋକାରଣ୍ୟ ରହିଥିବା ର ଦେଖିବାକୁ ମିଳିଛି ।ଦେଶର ବିଭିନ୍ନ ରାଜ୍ୟରୁ ଶହ ଶହ ସଂଖ୍ୟାରେ ବିଶିଷ୍ଟ ବ୍ୟକ୍ତି ଙ୍କର ସୁଅ ଛୁଟୁଛି ଡ଼ଃ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ।ଆଜି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଆସି ଶ୍ରଦ୍ଧାଳି ଅର୍ପଣ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ପରିବାର କୁ ଭେଟି ସମବେଦନା ଜଣାଇଛନ୍ତି ।ସେହିପରି କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଆସି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତ୍ରିପୁରା ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସାଂସଦ ବିପ୍ଲବ ଦେବ ଆସି ଶ୍ରଦ୍ଧାଳି ଦେଇଥିଲେ। ସାଂସଦ ତଥା ଶିଳ୍ପପତି ନବୀନ ଜିନ୍ଦଲ ଆସି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବିହାରର ନଗର ଉର୍ନ୍ନୟନ ମନ୍ତ୍ରୀ ଜିବେଶ କୁମାର ଓ ଜଳ ଯୋଗାଣ ମନ୍ତ୍ରୀ ନିରଜ ସିଂହ ବବଲୁ, ସାଂସଦ କିରନ ଚୌଧୁରୀ, ସାଂସଦ କାର୍ତ୍ତିକ ଶର୍ମା, ସାଂସଦ ଡ଼ଃ ଅନିଲ ଗୁପ୍ତା, ସାଂସଦ ଧର୍ମବୀର ସିଂହ ଚୌଧୁରୀ, ଏମ ଏଲ ସି ଅଶୋକ କାଟରିଆ,ଏମ ଏଲ ସି ଶରତ ଗର ,ବିଧାୟକ ଯୋଗେନ୍ଦ୍ର ରାଣା ସିନିୟର ଲିଡର ବିଜେପି ସୁଦର୍ଶନ ସୋଲାଙ୍କି ସିନିୟର ଲିଡର ବିଜେପି ଅଶୋକ ଗୁଜର ଙ୍କ ସମେତ ଶତାଧିକ ବିଜେପି ର ସାଙ୍ଗଠନିକ କର୍ମକର୍ତା ରାଜ୍ୟ ବାହାରୁ ଆସି ଡ଼ଃ ପ୍ରଧାନ ଙ୍କୁ ଶ୍ରଦ୍ଧାଳି ଦେବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କର ମାତା ବସଂ ମରୀ ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନ ,କେନ୍ଦ୍ରମନ୍ତ୍ରୀ ଙ୍କ ବଡ଼ଭାଇ ସୌମେନ୍ଦ୍ର ପ୍ରଧାନ, ଓ ତାଙ୍କ ଧର୍ମପତ୍ନୀ ସାରଳା ପ୍ରଧାନ ଓ ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇ ଥିଲେ। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସଂପାଦକ ସିମାଞ୍ଚଳ ଖଟେଇ ଓ ସାରଦା ପ୍ରସାଦ ଶତପଥୀ , ସଂଘ ର ଜିଲ୍ଲା କାର୍ଯ୍ୟବାହ ଅନିଲ ମହାନ୍ତି, ଅନୁଗୁଳ ବିଧାୟକ, ପ୍ରତାପଚନ୍ଦ୍ର ପ୍ରଧାନ,ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା,ବରିଷ୍ଠ ନେତା କାଳନ୍ଦି ସାମଲ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ଡିକେଶ୍ୱର ପ୍ରଧାନ, ଯ୍ୱୋନାଲ ମିଡ଼ିଆ ସେଲ ପ୍ରଭାରୀ ପର୍ଶୁରାମ ବାରିକ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ବିଧାନସଭାରେ କଂଗ୍ରେସ ବିଧାୟକ ଓ ସୁରକ୍ଷାକର୍ମୀ ମୁହାଁମୁହିଁ

ଭୁବନେଶ୍ୱର,୨୫ ।୩(ପି.ଏନ): ବିଧାନସଭାରେ କଂଗ୍ରେସ ବିଧାୟକ ଓ ସୁରକ୍ଷାକର୍ମୀ ମୁହାଁମୁହିଁ । ଟଣାଓଟରା ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚ଼ନ୍ଦ୍ର କାଡାମ ଆହତ ହୋଇଛନ୍ତି। ରାମଚ଼ନ୍ଦ୍ର କାଡାମଙ୍କ ହାତରେ ଆଘାତ ଲାଗିଛି। ଖବର ପାଇ ବିଧାନସଭା ସମ୍ମୁଖରେ ପହଞ୍ଚିଥିଲେ ବରିଷ୍ଠ କଂଗ୍ରେସ ନେତା। ବିଧାନସଭା ଭିତରେ ଥିବା ବିଧାୟକଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ବରିଷ୍ଠ କଂଗ୍ରେସ ନେତା ଓ ପିସିସି ସଭାପତି। କିନ୍ତୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଯାହାକୁ ନେଇ ପୋଲିସ ସହ କିଛି ସମୟ ପାଇଁ କଂଗ୍ରେସ ନେତାଙ୍କର ଯୁକ୍ତିତର୍କ ହୋଇଥିଲା। ନିଜ ଦଳର ବିଧାୟକଙ୍କୁ ଭେଟିବାକୁ ଅଡି ବସିଥିଲେ କଂଗ୍ରେସ କର୍ମୀ। କିନ୍ତୁ ପୋଲିସ ସେମାନଙ୍କୁ ଛାଡିନଥିଲା। ଫଳରେ ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲେ କଂଗ୍ରେସ କର୍ମୀ। ଶେଷରେ ପୋଲିସ କଂଗ୍ରେସ ନେତା ଓ ଛାତ୍ର କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ। ବିଶୃଙ୍ଖଳିତ ଆଚ଼ରଣ ପାଇଁ କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ନିଲମ୍ବିତ କରିଥିଲେ ବାଚ଼ସ୍ପତି। ନିଲମ୍ବନକୁ ବିରୋଧ କରି ଧାରଣା ଦେଇଥିଲେ କଂଗ୍ରେସ ବିଧାୟକ। ମାର୍ଶାଲ ଲଗାଇ ନିଲମ୍ବିତ କଂଗ୍ରେସ ବିଧାୟକଙ୍କୁ ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ



ବାଚ଼ସ୍ପତି। ତେବେ ନିଲମ୍ବନକୁ ବିରୋଧ କରି ବିଧାନସଭାରେ ସାରା ରାତି ଧାରଣା ଦେବ ବୋଲି କହିଥିଲା କଂଗ୍ରେସ। ବାଚ଼ସ୍ପତିଙ୍କ ନିଷ୍ପତ୍ତିକୁ ବିରୋଧ କରି ଗୃହରେ ଧାରଣା ଦେଇଥିଲା କଂଗ୍ରେସ। ପଏଣ୍ଟ ଅଫ ଅର୍ଡର ନ ଦେବାରୁ ଅସନ୍ତୋଷ ଜାହିର କରିଥିଲେ କଂଗ୍ରେସ ବିଧାୟକ ତାରା ବାହିନୀପତି। ଫଳରେ ଆସନ୍ତାକାଲି ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବି କରାଯାଇଛି। ତାରା ବାହିନୀପତି କହିଛନ୍ତି ଗଣତନ୍ତ୍ରର ହତ୍ୟା ହୋଇଛି। ଯେପର୍ଯ୍ୟନ୍ତ ନାରୀ ସୁରକ୍ଷା ପାଇଁ ଗୃହ କମିଟି ଗଠନ ନହୋଇଛି, ସେ ପର୍ଯ୍ୟନ୍ତ ବିଧାନସଭା ଭିତରେ ରାତି ସାରା ଧାରଣାରେ ବସିବେ ବୋଲି କହିଥିଲେ ତାରା ବାହିନୀପତି। ଓ୍ୱେଲରେ ଶୋଇବୁ, ଜବରଦସ୍ତ ଉଠାଇଲେ ପରେ ଦେଖାଯିବ ବୋଲି କହିଥିଲା କଂଗ୍ରେସ। ଆଜି କଂଗ୍ରେସର ୧୨ ଜଣ ବିଧାୟକ ବିଧାନସଭାରୁ ନିଲମ୍ବିତ ହୋଇଥିଲେ । ବିଶୃଙ୍ଖଳିତ ଆଚ଼ରଣ ପାଇଁ ନିଲମ୍ବନ କରିଛନ୍ତି ବାଚ଼ସ୍ପତି। ତାରା ପ୍ରସାଦ ବାହିନୀପତି ଓ ରମେଶ ଜେନାଙ୍କୁ ଛାଡି ବାକି ସମସ୍ତଙ୍କୁ ନିଲମ୍ବିତ କରିଛନ୍ତି ବାଚ଼ସ୍ପତି। କଂଗ୍ରେସ ଗୃହ ଚ଼ଳାଇ ଦେଉନଥିବା ଅଭିଯୋଗରେ ହୋଇଛନ୍ତି ନିଲମ୍ବିତ ।ସେମାନଙ୍କୁ ୭ ଦିନ ପାଇଁ ନିଲମ୍ବିତ କରାଯାଇଛି। ନିଲମ୍ବିତ ବିଧାୟକମାନେ ହେଲେ ରାମଚ଼ନ୍ଦ୍ର କାଡାମ, ସୋଫିଆ ଫିର୍ଦ୍ଦୋସ, ଅଶୋକ ଦାସ, ରାଜନ ଏକ୍କା, ଦାଶରଥି ଗମାଙ୍ଗ, ସତ୍ୟଜିତ ଗମାଙ୍ଗ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ, ପବିତ୍ର ସାଉନ୍ତା, ନୀଳମାଧବ ହିକକା ଓ କାଦ୍ରାକା ଆପାଲାସ୍ୱାମୀ। ପୂର୍ବରୁ ୭ ଦିନ ପାଇଁ ନିଲମ୍ବିତ ହୋଇଥିଲେ ତାରା ବାହିନୀପତି।

# ପ୍ରତିବାଦ ଓ ନାରାବାଜିରେ ଚ଼ାଲିପାରୁନି ପ୍ରଶ୍ନକାଳ କି ଶୂନ୍ୟକାଳ

ଭୁବନେଶ୍ୱର,୨୫ ।୩(ପି.ଏନ): ବିଧାନସଭାରେ ଜିଦରେ ଅଟଳ ବିରୋଧୀ। ନାରୀଙ୍କୁ ସୁରକ୍ଷା ନେଇ ଗଠନ ହେଉ ଗୃହ କମିଟି। ପ୍ରତିବାଦ ଓ ନାରାବାଜିରେ ଚ଼ାଲିପାରୁନି ପ୍ରଶ୍ନକାଳ କି ଶୂନ୍ୟକାଳ। ହଟ୍ଟଗୋଳ ଯୋଗୁ ଧୋଇଯାଉଛି ଗୁରୁତ୍ୱପୂର୍ଣ୍ଣ ଆଲୋଚ଼ନା। ଲଗାତର ୧୨ ଦିନ ହେଲାଣି ବିଧାନସଭାରେ ଜାରି ରହିଛି ଅଚ଼ଳାବସ୍ଥା। ରାଜ୍ୟରେ ଅସୁରକ୍ଷିତ ମହିଳା, ଗର୍ଭବତୀ ହେଉଛନ୍ତି ନାବାଳିକା। ତେଣୁ ସରକାର ତୁରନ୍ତ ଗୃହ କମିଟି ଗଠନ କରନ୍ତୁ ବୋଲି ଦାବି କରିଛି କଂଗ୍ରେସ। ଘଣ୍ଟ ଘଣ୍ଟା, ବଇଁଶୀ ଓ ଗିନି ବଜାଇ ନିଜର ଦାବିକୁ ଦୋହରାଇଛି କଂଗ୍ରେସ। ଅନ୍ୟପଟେ ଜାତିଭିତ୍ତିକ ଜନଗଣନା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରବେଶ ପଥକୁ ଅବରୋଧ କରି ଗୃହରେ ପ୍ରତିବାଦ କରିଛି ବିଜେଡି। ବିହାରରେ ଜାତିଭିତ୍ତିକ ଜନଗଣନା ହୋଇଛି। ହେଲେ ଓଡ଼ିଶାରେ କାହିଁକି ହେଉନି ବୋଲି ପ୍ରଶ୍ନ କରିଛି ବିଜୁ ଜନତା ଦଳ। ସଂଖ୍ୟା



ଯାହାର ଯେତେ, ତା ଭାଗିଦାରୀ ସେତେ ହେବା ନ୍ୟାୟକୁ ଦୋହରାଇଛି ଦଳ। ରାଜ୍ୟରେ ନୂଆ ସରକାର ଆସିଲା। ଜୁନ ଜୁଲାଇରେ ନାମଲେଖା ସରିଗଲା। ହେଲେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେଲାନି। ନବୀନ ପଟ୍ଟନାୟକଙ୍କ ଶାସନରେ ସଂରକ୍ଷଣକୁ ୨୦ ପ୍ରତିଶତରୁ ୩୮.୭୫%କୁ ବୃଦ୍ଧି କରାଯାଇଥିଲା। କିନ୍ତୁ ଏବେ ବୈଷୟିକ ଶିକ୍ଷାରେ କେବଳ ୨୦ ପ୍ରତିଶତ ସଂରକ୍ଷଣ ମିଳୁଛି। ଅନୁସୂଚ଼ିତ ଜାତିଙ୍କ ପାଇଁ ୮ ଓ ଜନଜାତିଙ୍କ ପାଇଁ ୧୨ ପ୍ରତିଶତ ସଂରକ୍ଷଣ ରହୁଛି। କାହିଁକି ୪୯.୯୮ ପ୍ରତିଶତ ନ ମିଳିବ ବୋଲି ପ୍ରଶ୍ନ କରିଛି ବିଜେଡି। ସେପଟେ ଙ୍ଗଇଉଙ୍କୁ ଆଦୌ ସଂରକ୍ଷଣ ମିଳୁନି। ଯାହା ସେମାନଙ୍କ କ୍ଷେତ୍ରରେ ଅବିଚ଼ାର ବୋଲି ଅଭିଯୋଗ କରିଛି ଦଳ। ଜାତିଭିତ୍ତିକ ଜନଗଣନା ସହ ଏସସି ଓ ଏସଟିଙ୍କ ପାଇଁ ସଂରକ୍ଷଣ ଦାବିକୁ ଦୋହରାଇଛି ବିଜେଡି ।ବିରୋଧୀରେ ଥିବା ସମୟରେ ପଛୁଆ ବର୍ଗଙ୍କ ଅଧିକାର ପାଇଁ ଚ଼ିତ୍କାର କରୁଥିଲା ବିଜେପି। ହେଲେ ସରକାରକୁ ଆସିବା ପରେ ପଦକ୍ଷେପ ଶୂନ। ବାରମ୍ବାର ଗୃହକୁ ମୁଲତବି କରି ସରକାରୀ ଦଳ କି ଆଲୋଚ଼ନା କଥା କହୁଛନ୍ତି ବୋଲି ପ୍ରଶ୍ନ କରିଛି ବିଜୁ ଜନତା ଦଳ। ଗୃହରେ ବାଜା କି ହୁଇସିଲ ନ ବଜାଇବାକୁ ଉପବାଚ଼ସ୍ପତି ନିର୍ଦ୍ଦେଶ ଦେଇଥିଲେ।

# କାଳବୈଶାଖୀ ତାଣ୍ଡବର ୫ ଦିନ ପରେ ବି ଦୁର୍ଦ୍ଦଶାର ଅନ୍ତ ନାହିଁ

ବାରିପଦା,୨୫ ।୩(ପି.ଏନ):ସବୁ ଛଡାଇନେଲା କାଳବୈଶାଖୀ। କାହାକୁ ବି ଛାଡ଼ିଲାନ ତାଣ୍ଡବ। ଚ଼ାଳଘରଠାରୁ ଆରମ୍ଭ କରି ଛାତଘର। ସବୁଠି କ୍ଷତି ପହଞ୍ଚାଇଛି ଅଦିନିଆ ବିପତ୍ତି। କେଉଁଠି ଘର ନଇଁ ପଡିଛି ତ କେଉଁଠି ଉଡିଯାଇଛି ଆଜବେଷ୍ଟସ। ଗଛଲତା ହୋଇଯାଇଛନ୍ତି ଶ୍ରୀହୀନ। ଏବେ ପ୍ରଶ୍ନ- ବଞ୍ଚିବୁ କେମିତି। କିଏ ହେବ ସାହାରା। ମୟୂରଭଞ୍ଜ ବାଙ୍ଗିରିପୋଷି ଓ ବିଶୋଇ ଅଞ୍ଚଳରେ ଗତ ଗୁରୁବାର ଥିଲା କାଳରାତ୍ରୀ। ବହିଥିଲା ଅଣଚ଼ାଶ ପବନ। କୁଆପଥର ମାଡ ସହ ପବନର ବେଗ ଓ ବର୍ଷାରେ ଛାରଖାର ହୋଇଯାଇଥିଲା ଭିଟାମାଟି। ନିମିଷକେ ମଧ୍ୟରେ ସବୁ ଫୁଟପାଥର ବାସିନ୍ଦା ହୋଇଯାଇଥିଲେ ହଜାର ହଜାର ଲୋକ। କାଲ ରାତିକୁ ବିତିଲାଣି ପାଞ୍ଚ ଦିନ। ଦୁଃଖ ଦୁର୍ଦ୍ଦଶାରେ ଏବେବି ଜୀବନ କାଟୁଛନ୍ତି କ୍ଷତିଗ୍ରସ୍ତ ଗ୍ରାମବାସୀ। ନା ମିଳିଛି ପାଲ, ନା ସରକାରୀ ସହାୟତା । ଖୋଲା ଆକାଶ ତଳେ ଦିନରାତି କାଟୁଛନ୍ତି ଲୋକେ। ଧାନ ଭିଜିଯିବା ସହ ବର୍ଷକର ଦାନା ଛଡାଇନେଇଛି କାଳବୈଶାଖୀ। ନଷ୍ଟ ହୋଇଯାଇଛି ପିଲାଙ୍କ ବହିପତ୍ର। ଏକର ଏକର ଚ଼ାଷଜମି ହୋଇଯାଇଛି ନଷ୍ଟ। ବିଲରେ ମକା, କୁନ୍ଦୁରି, କଖାରୁ, ବାଇଗଣ ଫସଲର ହଜିଯାଇଛି ଚ଼ିହ୍ନବର୍ଣ୍ଣ। ଭାଙ୍ଗିଯାଇଛି ଶହ ଶହ ଅନ୍ନଦାତାଙ୍କ ଅଣ୍ଟା। ସହାୟତା ଲାଗି ଚ଼ାହିଁବସିଛନ୍ତି ବାସିନ୍ଦା ।ଗତକାଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବିବୃତି ପରେ ସତ୍ୟତା ଜାଣିବା ପାଇଁ. ଗ୍ରାଉଣ୍ଡ ଜିରୋରେ ପହଞ୍ଚିଥିଲା ନନ୍ଦିଘୋଷ ଟିଭି । ଗ୍ରାଉଣ୍ଡ ଜିରୋର ଅସହାୟଙ୍କ ନିକଟରେ ପହଞ୍ଚି ସାଉଁଟିଥିଲା ତଥ୍ୟ। ମନ୍ତ୍ରୀଙ୍କ ବକ୍ତବ୍ୟର କିଛି ସତ୍ୟତା ନାହିଁ ବୋଲି କହିଛନ୍ତି ବାଙ୍ଗିରିପୋଷି ବ୍ଲକ ଚ଼ାଷୀ ଓ ଗ୍ରାମବାସୀ। ଦୁଇଟି ସ୍ଥାନ ଛାଡିଦେଲେ ଗ୍ରାଉଣ୍ଡ ଜିରୋରେ ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିନାହିଁ। ମନ୍ତ୍ରୀ ମିଛ କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ହୋଇଛି ଅଭିଯୋଗ। ବିପନ୍ନଙ୍କ ନିକଟରେ ଏବେ ବି ପହଞ୍ଚିନାହିଁ ମେଡିକାଲ ଟିମ। ସରକାରଙ୍କ ପକ୍ଷରୁ ବି ମିଳିନାହିଁ ସହାୟତା।

# ରଣ ହୁଙ୍କାର ଦେଲା ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚ଼ାରୀ ମହାସଂଘ, କାଲି କମ୍ପିବ ଭୁବନେଶ୍ୱର ଗାନ୍ଧୀମାର୍ଗ

ଭୁବନେଶ୍ୱର,୨୫ ।୩(ପି.ଏନ): ରଣହୁଂକାର ଦେଲା ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚ଼ାରୀ ମହାସଂଘ । କାଲି କମ୍ପିବ ଭୁବନେଶ୍ୱର ଗାନ୍ଧୀମାର୍ଗ । ସାରା ଓଡ଼ିଶାରୁ ଏକାଠି ହେବେ ୭୦ ହଜାର କର୍ମଚ଼ାରୀ । ସ୍ଥାୟୀ ନିଯୁକ୍ତି ଦାବି ପୂରଣ ନହେବା ପର୍ଯ୍ୟନ୍ତ ଛାଡ଼ିବେନି ରାଜରାସ୍ତା । ମହାସଂଘ ଅଧ୍ୟକ୍ଷଙ୍କ ଅଭିଯୋଗ, ଦୀର୍ଘ ୯ ମାସ ଧରି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି । ୩୦ଟି ସ୍ମାରକପତ୍ର ଦିଆଗଲା । ହେଲେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରତିବିଧାନ କରିବେ କଣ । ଅଭିଯୋଗ ପତ୍ରଟି କେବଳ ଅଧିକାରୀଙ୍କୁ ବଢେଇ ଦେଇ ନିରବ ରହୁଛନ୍ତି । ସ୍ୱାସ୍ଥ୍ୟ, ଅଗ୍ନି ନିର୍ବାପକ, ଜଙ୍ଗଲ , ଜଳଯୋଗାଣରେ ନିୟୋଜିତ ମାତ୍ର ୫ ପ୍ରତିଶତ କର୍ମଚ଼ାରୀଙ୍କୁ ଛାଡ଼ି ସମସ୍ତେ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନରେ ଯୋଗଦେବେ । ଆଉଟସୋର୍ସିଂ କର୍ମଚ଼ାରୀଙ୍କୁ ନିୟମିତ କରିବେ କଣ । ଦିନକୁ ଦିନ ଛଟେଇ ବୃଦ୍ଧି ପାଉଛି ।ପୂର୍ବ ସରକାର ଆମ ଦୁଃଖ ବୁଝିଥିଲେ । ଇଏସ୍ଆଇ ସୁବିଧା ସହିତ ମହିଳା କର୍ମଚ଼ାରୀଙ୍କ ମାତୃତ୍ୱ ଛୁଟି ଲାଗୁ କରିଥିଲେ । ଏବର ମୁଖ୍ୟମନ୍ତ୍ରୀ ବିରୋଧୀରେ ଥିବାବେଳେ ଆମକୁ ସମର୍ଥନ ଜଣାଇଥିଲେ । କିନ୍ତୁ କ୍ଷମତାକୁ ଆସିବା ପରେ ଆଦୌ ଆମ ସହ ଥରୁଟିଏ ଆଲୋଚ଼ନା କଲେନି । ମୁଖ୍ୟମନ୍ତ୍ରୀଙ୍କ ବିଭାଗଠୁ ଆରମ୍ଭ କରି ରାଜ୍ୟର ୪୨ଟି ବିଭାଗରେ ଏହି କର୍ମଚ଼ାରୀ କାମ କରୁଛନ୍ତି । ଗତ ୧୭ ତାରିଖରୁ ୨୧ ତାରିଖ କଳାବ୍ୟାଜ ପିନ୍ଧି ପ୍ରତିବାଦ କଲୁ । ଆନ୍‌ଦୋଳନ ଡାକରା ଦେଲୁ । ଅପେକ୍ଷା କରିଥିଲୁ ସରକାର ଆଲୋଚ଼ନାକୁ ଡାକିବେ । କିନ୍ତୁ ମୋହନ ସରକାର ପେଟପାଟଣା କଥା ବୁଝୁନାହାନ୍ତି । ଆସନ୍ତାକାଲିଠୁ କାର୍ଯ୍ୟବନ୍ଦ ଆନ୍‌ଦୋଳନ କରିବୁ । ଆସନ୍ତାକାଲି ପଞ୍ଚାୟତ, ବ୍ଲକ୍‌ସ୍ତରରୁ ଆରମ୍ଭ କରି ସଚ଼ିବାଳୟ ପର୍ଯ୍ୟନ୍ତ ସମସ୍ତ କର୍ମଚ଼ାରୀ ଆନ୍‌ଦୋଳନରେ ଯୋଗଦେବେ । ମହାସଂଘ କହିଛି, ଉତ୍ତରପ୍ରଦେଶ ଡବଲ ଇଞ୍ଜିନ ସରକାର ହୋଇ ଆଉଟସୋର୍ସିଂ ବ୍ୟବସ୍ଥା ଉଠେଇଦେବାକୁ ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର କାହିଁକି କର୍ମଚ଼ାରୀଙ୍କ ନ୍ୟାଯ୍ୟ ଦାବିକୁ ଅବହେଳା କରିଚ଼ାଲିଛନ୍ତି ବୋଲି ପ୍ରଶ୍ନ ଉଠିଛି ।








# ଯାଆଁଳା ଭଉଣୀଙ୍କୁ ବିବାହ କରିବା ମହଙ୍ଗା ପଡ଼ିଲା

ମହାରାଷ୍ଟ୍ରର ସୋଲାପୁରରୁ ଏକ ବିବାହର ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓରେ ଦୁଇ ଯାଆଁଳା ଭଉଣୀ ଜଣେ ଯୁବକଙ୍କୁ ପସନ୍ଦ କରି ଜୀବନସାଥୀ ଭାବେ ବାଛି ବିବାହ କରିଥିବା ଦେଖିବାକୁ ମିଳିଥିଲା। ଯାଆଁଳା ଭଉଣୀ ଦୁହେଁ ଆଇଟି ଇଞ୍ଜିନିୟର ଭାବେ କାମ କରନ୍ତି। ତେବେ ଏହି ବିବାହକୁ ନେଇ ଉଭୟ ବର ଓ କନ୍ୟା ପକ୍ଷ ଖୁସି ଥିବା ବେଳେ ପୁଲିସ ଏହି ଘଟଣାକୁ ନେଇ ମାମଲା ରୁଜୁ କରିଛି। ସୋସିଆଲ ମିଡିଆରେ ଏହି ବିବାହ ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଦୁଇଭଉଣୀ ପିଙ୍କି ଓ ରିଙ୍କି ଦୁହେଁ ଆଇଟି ଇଞ୍ଜିନିୟର ଓ ସେମାନେ ମୁମ୍ବାଇରେ କାମ କରନ୍ତି। ଦୁଇ ଯାଆଁଳା ଭଉଣୀ ଅତୁଲ ନାମକ ଯୁବକଙ୍କୁ ବିବାହ କରିବାକୁ ସ୍ଥିର କରିଥିଲେ। ଦୁହେଁ ପିଲାଟି ଦିନରୁ ଏକାଠି ରହି ଆସୁଥିବା ବେଳେ ବିବାହ ପରେ ବି ଏକାଠି ରହିବାକୁ ସ୍ଥିର କରିଥିଲେ। ଏଭଳି ସମୟରେ ଦୁହିଁଙ୍କ ଜୀବନରେ ଅତୁଲ ନାମକ ଜଣେ ପୁରୁଷ ଆସିଥିଲେ। ଅତୁଲଙ୍କ ମୁମ୍ବାଇରେ ଟ୍ରାଭେଲ ଏଜେନ୍ସି ରହିଛି। ତେବେ ରିଙ୍କ ଓ ପିଙ୍କିଙ୍କ ବାପାଙ୍କ ମୃତ୍ୟୁ ହୋଇଯିବା ପରେ ସେମାନେ ମା'ଙ୍କ ସହିତ ରହୁଥିଲେ। ଏକଦା ତାଙ୍କ ମା'ଙ୍କ ମୃତ୍ୟୁ ହୋଇଯିବା ପରେ ସେମାନେ ଅତୁଲଙ୍କ କାର ଭଡ଼ାରେ ନେଇଥିଲେ। ଏହି ସମୟରେ ଅତୁଲ ଦୁଇଭଉଣୀଙ୍କ ସଂସ୍ପର୍ଶରେ ଆସିଥିଲେ। କିଛିଦିନ କଥାବର୍ତ୍ତା ହେବାପରେ ପିଙ୍କି ଓ ରିଙ୍କି ଅତୁଲଙ୍କୁ ବିବାହ କରିବେ ବୋଲି ସ୍ଥିର କରିଥିଲେ। ଏହାପରେ ଅତୁଲ ପିଙ୍କି ଓ ରିଙ୍କିଙ୍କୁ ବିବାହ କରିବେ ବୋଲି ଘରେ କଥା ପକାଇଥିଲେ। ଅତୁଲଙ୍କ ପରିବାରଲୋକ ରିଙ୍କି ଓ ପିଙ୍କିଙ୍କ ମା'ଙ୍କ ସହିତ କଥା ହୋଇ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏହି ବିବାହରେ ତିନିଜଣ ଅର୍ଥାତ ଅତୁଲ, ରିଙ୍କି ଓ ପିଙ୍କି ବହୁତ ଖୁସି ଥିବା ବେଳେ ଅକଲଜ ପୁଲିସ ଥାନା ବର ବିରୋଧରେ ଧାରା ୪୯୪ରେ ମାମଲା ରୁଜୁ କରିଛନ୍ତି। ଏହି ଧାରା ଅନୁଯାୟୀ, ସ୍ୱାମୀ-ସ୍ତ୍ରୀ ଜୀବିତ ଥିବା ଅବସ୍ଥାରେ କେହି ବି ଅନ୍ୟ ଜଣଙ୍କୁ ବିବାହ କରି ପାରିବେ ନାହିଁ। ଏଭଳି ସ୍ଥିତିରେ ବିବାହ କରିବା ବେଆଇନ ଅଟେ। ଦୁଇଜଣ ମହିଳାଙ୍କୁ ବିବାହ କଲେ ୭ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହିତ ଜରିମାନା ବି ରହିଛି। ତେବେ ଏହି ମାମଲା ଏଥିପାଇଁ ରୁଜୁ ହୋଇଛି କାରଣ ଦୁଇ ଜଣ ମହିଳାଙ୍କୁ ଏକାଠି ବିବାହ ହିନ୍ଦୁ ପ୍ରଥାରେ ନାହିଁ।

# ଫିଟ୍ ରହିବା ପାଇଁ ସପୁରୀ ଜୁସ୍ ସେବନ ଜରୁରି

**ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ । ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍‌ର ଏକମାତ୍ର ଖାଦ୍ୟ ଉତ୍ସ।**



ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ।

**ବ୍ରଣ ମୁକ୍ତ ହୁଏ:** ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି। ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

**ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ:** ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରି ହୋଇଯାଏ। ଏହା ପେଟକୁ ଯନ୍ତ୍ରଣା ଦିଏ। ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ।

**ପ୍ରତିରୋଧକ ଶକ୍ତି:** ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ। ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ।

# ମୁଁ କିଛି ଭାବିବା ପରେ ନିଷ୍ପତ୍ତି ନିଏ

ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ତଥା ଅଭିନେତା ଅମୀର ଖାନ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ତାଙ୍କ କ୍ୟାରିୟରରେ ଅନେକ ସୁପରହିଟ୍ ଚଳଚ୍ଚିତ୍ର ଦେଇଛନ୍ତି। ଯାହା ଭାରତୀୟ ସିନେମା ପାଇଁ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି। ଅମୀର ଖାନଙ୍କୁ 'ମିଷ୍ଟର ପରଫେକ୍ସନିଷ୍ଟ' ମଧ୍ୟ କୁହାଯାଏ। କିନ୍ତୁ ନିକଟରେ ଏକ ସାକ୍ଷାତକାରରେ ଅମୀର ଖାନ ନିଜେ କହିଛନ୍ତି ଯେ ସେ ନିଜକୁ ଜଣେ ପରଫେକ୍ସନିଷ୍ଟ ବୋଲି ଭାବନ୍ତି ନାହିଁ। ସେ କହିଥିଲେ କି ସେ ମୁଣ୍ଡରୁ ନୁହେଁ ହୃଦୟକୁ ଶୁଣନ୍ତି ଏବଂ ଯାଦୁ ଖୋଜନ୍ତି। ଏକ ସାକ୍ଷାତକାରରେ ଅମୀର କିଛି କହିଛନ୍ତି। ଅମୀର କହିଛନ୍ତି, 'ଲୋକମାନେ ଭାବନ୍ତି ଯେ ମୁଁ ଜଣେ ପରଫେକ୍ସନିଷ୍ଟ, ମୁଁ କିଛି ବଡ଼ ଭାବିବା ପରେ ନିଷ୍ପତ୍ତି ନିଏ, ସେମାନେ ସମ୍ପୂର୍ଣ୍ଣ ବୋକା ଭୁଲ୍। ପ୍ରଥମେ ମୁଁ ଚିନ୍ତା କରୁଥିଲି । ଯେତେବେଳେ ମୁଁ ଭୁଲ୍ କରୁଥିଲି। କିନ୍ତୁ ବର୍ତ୍ତମାନ ମୁଁ କେବଳ ମୋ ହୃଦୟରୁ ନିଷ୍ପତ୍ତି ନେଉଛି...। କାହିଁକି ନା ମୁଁ ଲଜିକ୍‌ରେ ଚାଲିବା ବନ୍ଦ କରି ଦେଇଛି । ମୁଁ କେବଳ ମୋର ହୃଦୟକୁ ଅନୁସରଣ କରୁଛି। ମୁଁ ଯାଦୁ ଖୋଜୁଛି, ଯାଦୁ ଚାହେଁ, ପରଫେକସନ୍ ନୁହଁ। କହିବାକୁ ଗଲେ ଏକ ସାକ୍ଷାତକାରରେ ଅମୀର ଜୀବନକୁ ନେଇ ଅନେକ କାହାଣୀ ମଧ୍ୟ ଉଲ୍ଲେଖ କରିଛନ୍ତି ଏବଂ ନିଜେ ମଧ୍ୟ ସିନେମା ଉପରେ ଖୋଲାଖୋଲି କଥା ହୋଇଥିଲେ। ନିକଟରେ ତାଙ୍କ ଶେଷ ଫିଲ୍ମ ରିଲିଜ୍ ହେଲା ଲାଲ ସିଂ ଚଢା, ଯାହା ଏକ ଫ୍ଲପ୍ ବୋଲି ପ୍ରମାଣିତ ହୋଇଥିଲା। ଏହି ଚଳଚ୍ଚିତ୍ରଟି ଅମୀର ଖାନଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିଲା। ଯାହା ବକ୍ସ ଅଫିସରେ ଏକ ବଡ଼ ହିଟ୍ ବୋଲି ପ୍ରମାଣିତ ହୋଇଥିଲା। ହେଲେ ଏହା ଓଟିଟିରେ ରିଲିଜ୍ ହେବା ପରେ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ପସନ୍ଦ ଆସିଥିଲା ଏବଂ ପ୍ରଶଂସା କରାଯାଇଥିଲା।



# ରୁଷୀୟ ବାଳକର ଯୁକ୍ତି, ମୁଁ ମଙ୍ଗଳରୁ ଆସିଛି !

'ଡେଲି ଷ୍ଟାର'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରୁଷିଆର ବୋଲଗୋଗ୍ରାଡ୍‌ବାସୀ ବୋରିସ କିପ୍ରିୟାନୋଭିକ୍ ନାମକ ଜଣେ ବାଳକ ନିଜକୁ ଭିନ୍ନ ଗ୍ରହର ମନୁଷ୍ୟ ବୋଲି ଦାବି କରିଛି। ଖାଲି ସେତିକି ନୁହେଁ, ଏ ପ୍ରକାର ବିଭୀଷିକାମୟ ସ୍ଥିତିରୁ ପୃଥିବୀକୁ ବଞ୍ଚାଇବା ଲାଗି ସେ ମଙ୍ଗଳ ଗ୍ରହରୁ ଏଠିକି ଆସିଛି ବୋଲି କହୁଛି। ଏପରିକି ଏହି ନାବାଳକ ଜଣକ ନିଜର ଅଗାଧ ଜ୍ୟୋତିଃଜ୍ଞାନ ଓ ତତ୍‌ସଂକ୍ରାନ୍ତ ଉଦ୍ଭଟ ତତ୍ତ୍ୱ ବଖାଣି ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ବୋରିସ୍‌ର ଯୁକ୍ତି ହେଲା, ସେ ମଙ୍ଗଳ ଗ୍ରହର ଅନ୍ୟ ବାସିନ୍ଦାଙ୍କ ସହ ନିଜର ପୂର୍ବଜନ୍ମ ବିତାଇ ସାରିଛି। ସେହି ମଙ୍ଗଳବାସୀଙ୍କର ଅନ୍ତଃଗ୍ରହୀୟ ଏପରିକି ଅନ୍ତଃନକ୍ଷତ୍ରୀୟ ଗମନାଗମନ ବ୍ୟବସ୍ଥା ରହିଥିଲା। ତେବେ ଏଠାରେ ମାନବ ସମାଜକୁ ଧ୍ୱଂସ ହେବାରୁ ରକ୍ଷା କରିବା ପାଇଁ ତାକୁ ପୃଥିବୀକୁ ପଠାଯାଇଛି। ବିଗତ ବର୍ଷମାନଙ୍କରେ ସେ ଅନେକ ଥର ପୃଥିବୀ ପରିଭ୍ରମଣରେ ଆସିଥିଲା। ତାହାର ଗସ୍ତଗୁଡ଼ିକ ବିଶେଷ କରି ଲେମୁରୀୟ ସମୟରେ ହୋଇଥିଲା, ଯାହା ନିୟୁତ ନିୟୁତ ବର୍ଷ ତଳେ ଭାରତ ମହାସାଗରରେ ରହିଥିବା ଏକ କାଳ୍ପନିକ ମହାଦେଶକୁ ସୂଚାଏ। ସେ ମଧ୍ୟ ନିଜର ଏକ ଛଅସ୍ତରୀୟ ମହାକାଶଯାନ ନିର୍ମାଣ କରିଥିବା ଦାବି କରିଛି ଯେଉଁଥିରେ ସେ ଅନାୟାସରେ ମହାକାଶ ଭ୍ରମଣ କରିପାରିବ। ପେସାରେ ଜଣେ ଡାକ୍ତର ଥିବା ବୋରିସ୍‌ର ମାଆ ମଧ୍ୟ ତାହାର ଜନ୍ମବେଳର ଅଦ୍ଭୁତ ଅଭିଜ୍ଞତାକୁ ବର୍ଣ୍ଣନା କରି ବୋରିସ କଥାରେ କିଛି ସତ୍ୟତା ଥିବା କହିଛନ୍ତି। ରୁଷୀୟ ବିଜ୍ଞାନ ପ୍ରତିଷ୍ଠାନର କିଛି ବିଶେଷଜ୍ଞ ମଧ୍ୟ ବୋରିସର ଶରୀରରୁ





# ଦିବ୍ୟାଙ୍ଗ ଭୂମିକାରେ ସୈୟାମୀ

କ୍ରିକେଟ୍ ଉପରେ ଆଧାରିତ ଅନେକ ଫିଲ୍ମ ଦର୍ଶକ ଦେଖିଛନ୍ତି। କିନ୍ତୁ ସୈୟାମୀ ଖେର ଏଭଳି ଏକ ଫିଲ୍ମରେ ପରଦାକୁ ଆସିବେ, ଯାହା କେବଳ କ୍ରିକେଟ୍ ପ୍ରେମୀଙ୍କୁ ନୁହେଁ, ବରଂ ସବୁ ଲୋକଙ୍କ ମନରେ ସମସ୍ୟା ସହ ଲଢ଼ିବାର ଉତ୍ସାହ ସୃଷ୍ଟି କରିବ। ଫିଲ୍ମ ଦୁନିଆରେ ନିଜର ପ୍ରତିଭା ପ୍ରଦର୍ଶନରେ ଏପର୍ଯ୍ୟନ୍ତ ସଫଳତା ପାଇନାହାନ୍ତି ସୈୟାମୀ। ଏଥର କିନ୍ତୁ ଜଣେ କ୍ରୀଡ଼ାବିତ୍ ମହିଳା ଚରିତ୍ରରେ ଲୋକଙ୍କ ହୃଦୟରେ ଓ ବଲିଉଡ୍‌ରେ ପରିଚୟ ସୃଷ୍ଟି କରିବାରେ ସଫଳ ହେବେ ବୋଲି ତାଙ୍କର ପୂର୍ଣ୍ଣ ବିଶ୍ୱାସ । ଫିଲ୍ମର ଟାଇଟଲ୍ 'ଘୂମର' । ଏହା ଆର ବାଲ୍‌କୀଙ୍କ ନିର୍ଦ୍ଦେଶିତ ଏକ ସ୍ପୋର୍ଟସ୍ ଡ୍ରାମା। ଏଥିରେ ସୈୟାମୀ ଜଣେ ଦିବ୍ୟାଙ୍ଗ ମହିଳା କ୍ରିକେଟର ଭୂମିକାରେ ନଜର ଆସିବେ। ଦିବ୍ୟାଙ୍ଗ ହୋଇ କ୍ରିକେଟର ହେବାର ସ୍ୱପ୍ନ ଦେଖିବା ଏବଂ ତମାମ ସମସ୍ୟାର ସମ୍ମୁଖୀନ ହୋଇ ନିଜ ସ୍ୱପ୍ନକୁ ସାକାର କରିବାର କାହାଣୀ ସେ ବଡ଼ ପରଦାରେ ଦେଖାଇବେ । ଫିଲ୍ମକୁ ନେଇ ସେ ଖୁବ୍ ଆଶାବାଦୀ। ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ନିଜ ଭୂମିକା ବିଷୟରେ ସେ କହିଛନ୍ତି 'ଘୂମର'ମୋ ପାଇଁ ଏପର୍ଯ୍ୟନ୍ତର ସର୍ବାଧିକ ଶାରୀରିକ ଓ ମାନସିକ ଭାବେ ଚ୍ୟାଲେଞ୍ଜିଂ ଭୂମିକା। ଜଣେ ବିକଳାଙ୍ଗ କ୍ରିକେଟର ଭାବେ ମୋ ଯାତ୍ରା ବେଶି ଚ୍ୟାଲେଞ୍ଜିଂ ଥିଲା।' ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ମୁଖ୍ୟ ଭୂମିକାରେ ଅଛନ୍ତି ଅଭିଷେକ ବଚ୍ଚନ। ସିନେ ଜଗତରେ ନିଜର ପରିଚୟ ସୃଷ୍ଟି ଲାଗି କଠିନ ପରିଶ୍ରମ କରୁଥିବା ସୈୟାମୀଙ୍କୁ ଜଣେ ଗ୍ଲାମରସ୍ ଅଭିନେତ୍ରୀ ଭାବେ ଦର୍ଶକ ଜାଣନ୍ତି। କିନ୍ତୁ ଗ୍ଲାମର ଜଗତକୁ ଆସିବା ପୂର୍ବରୁ ସେ ଜଣେ କ୍ରୀଡ଼ାବିତ୍ ଥିଲେ। ସେ ଜଣେ କ୍ରିକେଟର ବି ଥିଲେ। ମହାରାଷ୍ଟ୍ର ପାଇଁ ସେ ରାଜ୍ୟସ୍ତରୀୟ କ୍ରିକେଟ୍ ଖେଳିଥିଲେ। କ୍ରିକେଟ୍ ପାଇଁ ତାଙ୍କର ଭଲପାଇବା ଏବେ ବି ରହିଛି। ଫିଲ୍ମ 'ଘୂମର'ର କାହାଣୀ ହଙ୍ଗେରୀର ଦିବ୍ୟାଙ୍ଗ ରାଇଟ୍ ହ୍ୟାଣ୍ଡ ଶୁଟର କାରୋଲି ଟାକାକ୍ସଙ୍କ ଦ୍ୱାରା ପ୍ରେରିତ, ଯିଏକି ବାମ ହାତରେ ଦୁଇଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କର ଏହି ପ୍ରେରଣାପ୍ରଦ କାହାଣୀକୁ କ୍ରିକେଟ୍ ମାଧ୍ୟମରେ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ଫିଲ୍ମମେକର ନିଷ୍ପତ୍ତି ନେଲେ। ଫିଲ୍ମ 'ମିର୍ଜିୟା' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ସୈୟାମୀ ଏକାଧିକ ଫିଲ୍ମ ଓ ୱେବ୍ ସିରିଜ୍‌ରେ କାମ କରିଛନ୍ତି। କିନ୍ତୁ ସଫଳ ହୋଇନାହାନ୍ତି।

# ରକ୍ତରେ ଶର୍କରା ପରିମାଣ ହ୍ରାସ କରେ କଲରା

ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟିଗଲାଣି। ପ୍ରାୟ ପ୍ରତି ଘରେ ଏହି ରୋଗୀ ଥିବାର ଦେଖିବାକୁ ମିଳୁଛି। ଏହି ରୋଗ ଥରେ ହେଲେ ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ କଷ୍ଟକର,



...ଗକୁ ଆୟତରେ ରଖାଯାଇପାରେ। ଉପଯୁକ୍ତ ବ୍ୟାୟାମ, ଖାଦ୍ୟ ଓ ନିୟମିତ ଔଷଧ ସେବନ କଲେ ଏହି ରୋଗକୁ ହରାଯାଇପାରେ। ଏହି ରୋଗକୁ ଆଦୌ ଅଣଦେଖା କରାନଯାଇପାରେ। ଏହାକୁ ଅଣଦେଖା କଲେ ଅନେକ ପାର୍ଶ୍ୱ ରୋଗ ବାହାରିଯିବାର ସମ୍ଭାବନା ରହିଛି। ତେବେ ଆପଣ ଯଦି ଏହି ରୋଗକୁ ଆୟତରେ ରଖିବାକୁ ଚାହାନ୍ତି ତେବେ କଲରା ପରି ଭଲ ପରିବା ଆପଣଙ୍କ ପାଇଁ ଅନ୍ୟ କିଛି ହୋଇ ନପାରେ। ଜାଣିରଖନ୍ତୁ ଯେ ମାତ୍ରାଧିକ କଲରା ଖାଇବା ଦ୍ୱାରା, କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣକୁ ଆଶାତୀତ ଭାବେ କମ୍ କରାଯାଇପାରେ। ଏହି ପିତା ପରିବାରେ ରହିଛି ପ୍ଲାଣ୍ଟ୍ ଇନ୍‌ସୁଲିନ୍ ପୋଲିପେପ୍‌ଟାଇଡ୍-ପି ତତ୍ତ୍ୱ। ଏହି ପରିବା ଖାଇବା ଦ୍ୱାରା ହାଇପରଗ୍ଲାଇସେମିଆ ରୋଗ ହେବା ସହ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖାଯାଇପାରେ। କେବଳ ମଧୁମେହ ନୁହେଁ, ଚର୍ମ ରୋଗ ପାଇଁ ମଧ୍ୟ ଅବ୍ୟର୍ଥ ଔଷଧ ପରି କାମ କରେ କଲରା। କଲରାକୁ ଭଜା, ତରକାରି ଯେପରି ବି ଖାଇପାରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୨୬**

# ଜାତିର ସ୍ୱପ୍ନଃ- ଉତ୍କଳ ସମ୍ମିଳନୀ



ଉମାଶଙ୍କର ପ୍ରସାଦ

ବ୍ୟକ୍ତିର ସ୍ୱପ୍ନ ଓ ଏକ ଜାତିର ସ୍ୱପ୍ନ ସମ୍ପୂର୍ଣ୍ଣ ଅଲଗା । ବ୍ୟକ୍ତି ନିଜ ପାଇଁ ସ୍ୱପ୍ନ ଦେଖି ଥିବା ବେଳେ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଉଦ୍ୟମ କରିଥାଏ । ମାତ୍ର ଗୋଟିଏ ଜାତି ସ୍ୱପ୍ନ ଦେଖିଥାଏ ଜାତି ଅନ୍ତର୍ଗତ ସମଗ୍ର ମଣିଷ ପାଇଁ । ଯେଉଁଠି ନଥାଏ ବ୍ୟକ୍ତିଗତ ସ୍ୱାର୍ଥ, ଥାଏ କେବଳ ସମୂହ ସ୍ୱାର୍ଥ ଓ ଜାତୀୟ ସ୍ୱାର୍ଥ । ଜାତିର ସ୍ୱପ୍ନରେ ଚେତନା ଜାଗ୍ରତ ହୋଇ ପ୍ରକାଶ ପାଇଥାଏ ଜାତି ଗଠନ ପାଇଁ ଗୋଟିଏ ସଂକଳ୍ପ । କୌଣସି ବ୍ୟକ୍ତରି-ସ୍ୱାର୍ଥ ଏହି ସଂକଳ୍ପକୁ ଆଚ୍ଛନ୍ନ କରିପାରେ ନାହିଁ । ଯେତବେଳେ ଜାତି-ଗଠନ ପାଇଁ ସଂକଳ୍ପ ଘନିଭୂତ ହୋଇଯାଏ ସେତେବେଳେ ସେ ଜାତିର ଅତୀତକୁ ଦୃଷ୍ଟିପାତ କରେ , ଇତିହାସ କୁ ଅନ୍ୱେଷଣ କରେ ଓ ଇତିହାସ ଭିତରୁ ଜାତିର ଗୌରବ, ବୀରତ୍ୱ ଓ ମହିମାକୁ ଆବିଷ୍କାର କରେ । ଜାତିର ବିପର୍ଯ୍ୟୟରେ କ୍ଷୋଭ ପ୍ରକାଶ କରେ । ବାଗ୍-ବିଳାସୀ ନହୋଇ କଥା ସହିତ କର୍ମକୁ ଦେଇ ନିଜେ ହୋଇଯାଏ କର୍ମଯୋଗୀ । ନିଜକୁ ତିଳ ତିଳ କରି ଉତ୍ସର୍ଗ କରି ଦେଇଥାଏ ଜାତି ପାଇଁ । ଏହା ବିହାରଠାରୁ ଅଲଗା ହୋଇ ଓଡିଶା ମାନଚିତ୍ରରେ ଆତ୍ମପ୍ରକାଶ କରିଥିଲା । ମଧୁସୂଦନ ଠିକ୍ ଭାବରେ ଜାଣିଥିଲେ ଜାତିର ଉନ୍ନତି କରିବାକୁ ହେଲେ କୃଷି ଓ କୃଷକର ଉନ୍ନତି ସର୍ବାଦୌ ଆବଶ୍ୟକ । କୃଷକର ଅଧିକାର କୁ ସାବସ୍ତ୍ୟ କରିବା ପାଇଁ ମଧୁସୂଦନ ସଂଗ୍ରାମ କଲେ ଓ କୃତକାର୍ଯ୍ୟ ହେଲେ । କେବଳ କୃଷି ନୁହେଁ, କୃଷି ସହିତ ସେ ପ୍ରତିଷ୍ଠା କରିଥିଲେ 'କଟକ ତାରକସି ଶିଳ୍ପ ଓ ଉତ୍କଳ ଟ୍ୟାନେରୀ' । ଚିନ୍ତା କରିଥିଲେ ଓଡିଶାକୁ ରେଳପଥ ଦ୍ୱାରା ସଂଯୁକ୍ତ କରିବା ପାଇଁ । ୧୯୩୦ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖ ଦିନ କଟକର ଇଦ୍‌ଗା ପଡିଆରେ ପ୍ରଥମ 'ଉତ୍କଳ ସମ୍ମିଳନୀ' ର ଶୁଭାରମ୍ଭ କରିଥିଲେ । ଏହି ସମ୍ମିଳନୀ ରେ ସେ ଉତ୍କଳର ରାଜା, ମହାରାଜା ଜମିଦାର ଶିକ୍ଷିତ, ଲେଖକ ଓ କୃଷକ ମାନଙ୍କୁ ମିଶାଇ ଦେଇ ଘୋଷଣା କରିଥିଲେ:- "ଏହି ସମ୍ମିଳନୀ— ଜାତିପ୍ରାଣ ସିନ୍ଧୁ / କୋଟି ପ୍ରାଣ ବିନ୍ଦୁ ଧରେ— ତୋର ପ୍ରାଣ ବିନ୍ଦୁ / ମିଶାଇ ଦେ ଭାଇ— ଡେଇଁ ପଡି ସିନ୍ଧୁନୀରେ" । ପ୍ରଥମ ଥର ଓଡିଆ ଜାତି ଜାଣିଲା ଓଡିଆ ଜାତୀୟତା ଓ ସ୍ୱଦେଶ ପ୍ରେମର ମହାତ୍ମ୍ୟ ଓ ସମ୍ମିଳନୀର ତାତ୍ପର୍ଯ୍ୟ । ଅଙ୍ଗେ ଅଙ୍ଗେ ଅନୁଭବ କଲା ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ । ମଧୁବାବୁ ଅନୁଭବ କରିଥିଲେ ଜାତିର ସ୍ୱାତନ୍ତ୍ୟ ନଥିବାରୁ ସେ ଅବହେଳିତ ହୋଇଯାଇଛି । ଏପରି ମଧୁସୂଦନ ଯାବତୀୟ ସମାଲୋଚନାର ଶରବ୍ୟ ହୋଇମଧ ଅବିଚଳିତ ରହିଥିଲେ ତାଙ୍କ ସଂକଳ୍ପରେ । ତାଙ୍କର ଏକମାତ୍ର ଲକ୍ଷ ଥିଲା ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ, ଉତ୍କଳର ସର୍ବାଙ୍ଗୀନ ଉନ୍ନତି ସାଧନ, ଓଡିଆ ଭାଷୀ ଅଂଚଳମାନଙ୍କୁ ଶାସନସୂତ୍ରରେ ଏକତ୍ରୀକରଣ ଓ ପ୍ରବାସୀ ତଥା ପରିତ୍ୟକ୍ତ ଅଂଚଳରେ ଥିବା ଓଡିଆ ମାନଙ୍କର ସ୍ୱାର୍ଥ ସୁରକ୍ଷା । ସମ୍ମିଳନୀ ପାଇଁ ସେ ଚାନ୍ଦା ଆଦାୟ କରିବାର ପରିପନ୍ଥୀ ଥିଲେ । କିନ୍ତୁ ଆଜିର ଦିନରେ ଏହି ଭଳି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ସଂସ୍ଥାରୁ ମୋଟା ଆକାରର ଚାନ୍ଦା ଆଦାୟ କରାଯାଉଛି । ଅତି ଦମ୍ଭ ତଥା ଦରଦୀଭରା କଣ୍ଠରେ ସେ କହୁଥିଲେ 'ମୁଁ ଟଙ୍କା ଥଳି ହାତରେ ଧରି ଜନ୍ମ ହୋଇ ନଥିଲି । ମୋ ନିଜ ଅର୍ଜିତ ଧନକୁ ମୋର ମା, ମୋର ଦେଶ, ମୋର ଭାଇଙ୍କ ପାଇଁ ଖର୍ଚ୍ଚ କରି ମୁଁ ଶୁନ୍ୟ ହାତରେ ଫେରି ଯିବି, ସେଥିପାଇଁ ଦୁଃଖ କ'ଣ ? ମୋର ଏତିକି ମାତ୍ର ଦୁଃଖ ରହିଲା ଯେ ମୋ ମନ ମୁତାବକ ମୋ ଦେଶଟାକୁ, ମୋ ଜାତିଟାକୁ ମୁଁ ଗଢି ପାରିଲିନାହିଁ ! ୧୯୨୦ ମସିହାରେ ଯେତେବେଳେ ଅସହଯୋଗ ଆନ୍ଦୋଳନରେ ଉତ୍କଳ-ସମ୍ମିଳନୀକୁ ମିଶାଇ ଦିଆଯାଇ ନଥିଲା ଓ ଉତ୍କଳର ହିତ ପାଇଁ ମନ୍ତ୍ରୀପଦ ଗ୍ରହଣ କରିବାରୁ ତାଙ୍କ କୁଶପୁ  ଳିକା କଟକ ସହରରେ ଦାହ କରାଗଲା । ଯେଉଁମାନେ ତାଙ୍କ କୁଶ ପୁ  ଳିକା ଦାହ କଲେ ପରବ ୀ କାଳରେ ସେମାନେ ବଡ ନେତା ବୋଲାଇଲେ ଓ ନିଜ ସୁଖ ସ୍ୱଛାନ୍ଦ୍ୟ ପାଇଁ ବେଶ କିଛି କରିଗଲେ ।

ମଧୁବାବୁଙ୍କ " ଏହି ପଦିଏ ଗାଥା -ଜାତି ନନ୍ଦିଘୋଷ ଚଳେ କିରେ ଭାଇ ସ୍ୱାର୍ଥକୁ ସାରଥି କଲେ / ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ— " । ତାଙ୍କର ଆଜି ମଧ ଏହି ଉକ୍ତି ନିଃସ୍ୱାର୍ଥ ଦେଶପ୍ରେମୀଙ୍କ ଭିତରେ ସୃଷ୍ଟି କରେ ଗଭୀର ଉନ୍ମାଦନା । ଆଜିର ଦିନରେ ଜାତିପ୍ରାଣ ବ୍ୟକ୍ତିମାନଙ୍କୁ ସ୍ୱପ୍ନ ଦେଖିବାକୁ ହେବ ଓ ସଙ୍କଳ୍ପ ନେବାକୁ ହେବ କ'ଣ କରିବାକୁ ହେବ ଏ ଜାତି ପାଇଁ ? ସ୍ୱପ୍ନ ନ ଦେଖିଲେ, ସଂକଳ୍ପ ନ ନେଲେ ଜାତି ବିଲୀନ ହୋଇଯିବ । ଅତୀତ ଇତିହାସକୁ ପର୍ଯ୍ୟାଲୋଚନା କରି ସତ୍ୟକୁ ଆବିଷ୍କାର କରିବାକୁ ହେବ, ପ୍ରେରଣା ଆହରଣ କରିବାକୁ ହେବ ଓ ବ ମାନ ପରିପ୍ରେକ୍ଷୀରେ କାର୍ଯ୍ୟ କରିବାକୁ ହେବ । ଭବିଷ୍ୟତକୁ ସମ୍ଭାବନାମୟ କରିବାକୁ ଉଦ୍ୟମ କରିବାକୁ ହେବ, ତେବେ ଯାଇ ଜାତିର ମଙ୍ଗଳ ହେବାସହ ଆଜିର ଦିବସର ସ୍ୱପ୍ନ ସାକାର ହେବ ।

ସ୍ତମ୍ଭକାର, ଖୋର୍ଦ୍ଧା
(୬୩୭୦୬ ୭୫୫୬୨)

# ସ୍ୱଚ୍ଛତାରେ କଳାବାଦଲ !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ବାସଭବନରୁ ବିପୁଳ ପରିମାଣର ନଗଦ ଜବତ ଘଟଣା କେବଳ ବିଚାର ବିଭାଗର ନିରପେକ୍ଷତା, ସ୍ୱଚ୍ଛତା ପ୍ରତି କଳାବାଦଲ ଢାଙ୍କି ନାହିଁ, ଏହା ଅନିନ୍ଦନୀୟ ନ୍ୟାୟପରାୟଣତା ଉପରେ ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ଉପରେ କୁଠାରଘାତ କରିଛି ବୋଲି କୁହାଯାଇପାରିବ । ଅବଶ୍ୟ ଏହି ଘଟଣାରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସଂଜୀବ ଖାନ୍ନା ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିବା ସଙ୍ଗେ ସଙ୍ଗେ ସମସ୍ତ ନ୍ୟାୟିକ କାର୍ଯ୍ୟରୁ ଅନ୍ତର କରିଛନ୍ତି । କେବଳ ଏତିକି ତାଙ୍କ ବିରୁଦ୍ଧରେ ଆଭ୍ୟନ୍ତରୀଣ ତଦନ୍ତ ପାଇଁ କର୍ଣ୍ଣାଟକ, ହିମାଚଳ ଏବଂ ହରିଆନା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି । ଆହୁରି ମଧ ପୋଡା ଟଙ୍କା ଉଦ୍ଧାର ସମ୍ପର୍କିତ ଫଟୋ ଓ ଭିଡିଓକୁ ସୁପ୍ରିମକୋର୍ଟ ସାର୍ବଜନୀନ କରିଛନ୍ତି । କହିବାବାହୁଲ୍ୟ ଯେ, ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଅଫିସର, ନେତା କିମ୍ୱା ମନ୍ତ୍ରୀଙ୍କ ଘରୁ ଯଦି ଏବେ ପରିମାଣର କୋଟି କୋଟି ଟଙ୍କା ଜବତ ହୋଇଥାନ୍ତା, ତେବେ ତାଙ୍କୁ ଜେଲରେ ଭର୍ତି କରିଦିଆସାରନ୍ତାଣି ଏବଂ ତାଙ୍କ ବିରୁଦ୍ଧରେ ସିବିଆଇ, ଇଡି ପରି କେନ୍ଦ୍ରୀୟ ଦୁର୍ନୀତି ନିବାରଣ ସଂସ୍ଥାଗୁଡିକ ତଦନ୍ତ ଆରମ୍ଭ କରିସାରନ୍ତେଣି । କିନ୍ତୁ ଜଣେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ବିଚାରପତିଙ୍କୁ ଗିରଫ କରାଯିବା ଦୂରର କଥା ତାଙ୍କ ବିରୁଦ୍ଧରେ କେନ୍ଦ୍ରୀୟ ସଂସ୍ଥାଗୁଡିକର ତଦନ୍ତ ଏବଂ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇପାରିବ ନାହିଁ । ଆମ ଦେଶର ସମ୍ବିଧାନ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରିଛି । କେବଳ ପାର୍ଲିଆମେଂଟରେ ମହାଭିଯୋଗ ପ୍ରସ୍ତାବ ଦ୍ୱାରା ତାଙ୍କୁ ପଦବୀରୁ ବହିଷ୍କାର କରାଯାଇପାରିବ । ଏଥିପାଇଁ ସଂସଦର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଲୋଡା । ସୂଚନାଯୋଗ୍ୟ ଯେ, ବିଚାରପତି କେ.ରାମସ୍ୱାମୀଙ୍କ ମାମଲାରେ ୧୯୯୧ରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ, ପ୍ରଧାନ ବିଚାରପତିଙ୍କ ବିନାନୁମତିରେ ହାଇକୋର୍ଟ ଏବଂ ସୁପ୍ରମକୋର୍ଟର କୌଣସି ବିଚାରପତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ । ସୁପ୍ରିମକୋର୍ଟ ତାଙ୍କୁ ୨୦୦୯ରେ କ୍ଲିନ୍ ଚିଟ୍ ଦେଇଥିଲେ । ପରେ ତାଙ୍କୁ ଉତରାଖଣ୍ଡ ଉଚ୍ଚନ୍ୟାୟାଳୟକୁ ବଦଳି କରାଯାଇଥିଲା । ୨୦୧୧ରେ ଅବସର ଗ୍ରହଣ ଦିନ ଦୀର୍ଘ ୧୭ବର୍ଷ ପରେ ସବିଆଇ ତାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲା । ଏବେ ବିଚାରପତି ଯାଦବଙ୍କ ନିର୍ଦ୍ଦୋଷତା ପ୍ରମାଣିତ ହୋଇନାହିଁ । ଏହା ସତ୍ୱେ ସେତେବେଳେ ତାଙ୍କୁ ବଦଳି କରାଯାଇଥିଲା । କିନ୍ତୁ ଏହା ନିସନ୍ଦେହ ଯେ, କେତେକ ବିଚାରପତିଙ୍କ କାର୍ଯ୍ୟକଳାପ ନ୍ୟାୟପାଳିକା ଉପରେ କଳାବାଦଲ ଢାଙ୍କି ଦେଇଛି । ଏହି କଳା ବାଦଲକୁ ହଟାଇ ଦେବା ପାଇଁ ଏବେ ଉପଯୁକ୍ତ ସମୟ ଏବେ ଉପନୀତ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନ ଥିଲେ ଜଣେ ଦରଦୀ ମଣିଷ

**ଡାକ୍ତର ଦୀନବନ୍ଧୁ ମହାରଣା**

ଡାକ୍ତର ଦୀନବନ୍ଧୁ ମହାରଣା (ଡି.ଲିଟ୍.) ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ଉତ୍ଥାନ ପାଇଁ ଯେଉଁ କେତେଜଣ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ଥିଲେ ଅଗ୍ରଗଣ୍ୟ । ରାଜ୍ୟରେ ବିଜେପିର ପ୍ରସାର କ୍ଷେତ୍ରରେ ସେ ଜୀବନବ୍ୟାପୀ ଯେଉଁ ଉଦ୍ୟମ କରିଥିଲେ, ତାହା ପ୍ରଣିଧାନଯୋଗ୍ୟ । ବୃତିରେ ଜଣେ ଡାକ୍ତର ହୋଇଥିଲେହେଁ ରାଜନୈତିକ ଆକାଂକ୍ଷା ତାଙ୍କୁ ନିର୍ବାଚନ ରଣକ୍ଷେତ୍ରକୁ ଟାଣି ଆଣିଥିଲା । ତତ୍କାଳୀନ ବରିଷ୍ଠ ବିଜେପି ନେତା କୁଶାଭାଓ ଠାକରେଙ୍କ ସହ ତାଙ୍କର ନିବିଡ଼ ସଂପର୍କ ଥିବାରୁ ଦଳୀୟ ରାଜନୀତି ପ୍ରତି ତାଙ୍କର ବିଶେଷ ରୁଚି ରହିଲା । ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମେଡ଼ିକାଲ୍ କଲେଜରୁ ସଫଳତାର ସହ ଉତୀର୍ଣ୍ଣ ହୋଇ ରାଜ୍ୟରେ ଜଣେ ଡାକ୍ତର ଭାବେ ପ୍ରଥମେ କାର୍ଯ୍ୟରତ ଥିଲେ । ଚିକିତ୍ସା ସେବା ଓ ରାଜନୀତି ତାଙ୍କ ପାଇଁ ଜୀବନର ଦୁଇଟି ଦିଗ ଥିଲା । ଚିକିତ୍ସା ସେବାରୁ ରାଜନୀତିକୁ ଆସି ସେ ବିଜେପିର ସଂଗଠନକୁ ରାଜ୍ୟରେ ଦୃଢ଼ କରିପାରିଥିଲେ । ରାଜ୍ୟରେ ତିନିଥର ସେ ବିଜେପିର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଥିଲେ (୧୯୮୮-୧୯୯୦, ୧୯୯୦-୧୯୯୩, ୧୯୯୫-୧୯୯୭) । ବିଜେପିର ତାଳଚେର ମଣ୍ଡଳ ସଭାପତି ଭାବେ କାର୍ଯ୍ୟ କରି ଶେଷରେ ସେ ରାଜ୍ୟ ସଭାପତି ହୋଇପାରିଥିଲେ । ତୃଣମୂଳ ସ୍ତରରେ ସେ ପରିଚିତ ଥିଲେ ଓ ସାଧାରଣ ଲୋକଙ୍କ ସହ ତାଙ୍କର ନିବିଡ଼ ସଂପର୍କ ଥିଲା । ଜଣେ ଦକ୍ଷ ସଂଗଠକ ଭାବେ ଦଳୀୟ ମହଲରେ ସେ ପ୍ରସିଦ୍ଧି ଲାଭ କରିଥିଲେ ।

୧୯୯୮ ମସିହାରେ ଦେଓଗଡ଼ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇ ସେ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ଭୂପୃଷ୍ଠ ପରିବହନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ସେ ସେତେବେଳେ ରାଜ୍ୟର ବିକାଶ ପ୍ରତି ବିଶେଷ ଯତ୍ନଶୀଳ ଥିଲେ । ପରେ ସେ ମଧ କୃଷି ବିଭାଗର ମନ୍ତ୍ରୀ ଥିଲେ । ଏହିପରି ଦୁଇଥର ସେ ଓଡ଼ିଶାରୁ ନିର୍ବାଚିତ ହୋଇ କେନ୍ଦ୍ରରେ ମନ୍ତ୍ରୀପଦ ଲାଭ କରିଥିଲେ ଓ ଓଡ଼ିଶାର ବିକାଶର ଧାରାକୁ ତ୍ୱରାନ୍ୱିତ କରିଥିଲେ । ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ସଶକ୍ତୀକରଣ କ୍ଷେତ୍ରରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଦଳୀୟ ସଂଗଠନ ଓ ସାଧାରଣ ଜନତାଙ୍କ ପ୍ରତି ଏକ ସମର୍ପିତ ପ୍ରାଣ ସ୍ୱର୍ଗତ ପ୍ରଧାନ ୮୩ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ଓ ପଛରେ ଛାଡ଼ିଦେଇଗଲେ ଏକ ଉଚ୍ଚ ଆଦର୍ଶ ଓ ସମାଜ ପ୍ରତି ଥିବା ତାଙ୍କର ପ୍ରତିବଦ୍ଧତା, ଯାହା ତାଙ୍କୁ ଜନମାନସରେ ଅମର କରି ରଖିବା ସହ ତାଙ୍କର ଅନୁଗାମୀମାନଙ୍କୁ ସର୍ବଦା ସମାଜକଲ୍ୟାଣ ନିମନ୍ତେ ଉଦ୍‌ବୁଦ୍ଧ କରିବ ।

ସାଂପ୍ରତିକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ଯେଉଁ ଉଚ୍ଚାଙ୍ଗ ଆଦର୍ଶବୋଧ ପ୍ରତିଷ୍ଠା କରିଯାଇଛନ୍ତି, ତାହାକୁ ଅନୁସରଣ କରି ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ୍ୟ ପିତାର ସୁଯୋଗ୍ୟ ପୁତ୍ରର ପରିଚୟ ଦେବା ସହ ନିଜ ପିତାଙ୍କ ପରି ଦେଶ ଓ ରାଜ୍ୟର ବିକାଶ ପ୍ରକ୍ରିୟାରେ ଅଧୁନା ସାମିଲ ଅଛନ୍ତି । ନିଜର ଅମାୟିକ, ସରଳ ଓ ନମ୍ର ସ୍ୱଭାବ ଯୋଗୁଁ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ସବୁ ବର୍ଗର ଜନତାଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ରାଜ୍ୟ ଓ କେନ୍ଦ୍ର ରାଜନୀତିରେ ସେ ଯେଉଁ ନିରହଙ୍କାର ଧାରା ସୃଷ୍ଟି କରିଯାଇଛନ୍ତି, ତାହା ତାଙ୍କୁ ଦରିଦ୍ର ଜନତାର ବନ୍ଧୁ ଭାବେ ପରିଚୟ ପ୍ରଦାନ କରିଛି । ଜଣେ ଦରଦୀ ଓ ବନ୍ଧୁବତ୍ସଳ ରାଜନେତା ଭାବେ ସେ ସର୍ବଦା ଅମର ରହିବେ ।

ସ୍ୱର୍ଗତ ପ୍ରଧାନ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ । ମହାପ୍ରଭୁଙ୍କ ବିଭିନ୍ନ ଉତ୍ସବାନୁଷ୍ଠାରେ ସେ ସର୍ବଦା ଯୋଗଦେଇ ନିଜ ଭକ୍ତିପ୍ରାଣତାର ସୁମହତ ପରିଚୟ ଦେଇଛନ୍ତି । ଭକ୍ତକବି ଜୟଦେବଙ୍କ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ଓ ଭକ୍ତି ଥିଲା । ଭକ୍ତକବି ସାଂସ୍କୃତିକ ପରିଷଦର ସେ ଜଣେ ଶୁଭେଚ୍ଛୁ ଥିଲେ । ପରିଷଦର ବିଭିନ୍ନ ଆଲୋଚନା ଓ ଭକ୍ତିମୂଳକ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସହଯୋଗ ରହିଥିଲା ।

ରାଜ୍ୟରେ ବିଜେପିର ଉତ୍ଥାନ ଓ ପ୍ରଗତିର ସାକ୍ଷୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ନିଜର ଅଙ୍ଗୀକାରବଦ୍ଧତା ଓ ସମର୍ପିତ ମନୋବୃତି ଯୋଗୁଁ ଦଳୀୟ କର୍ମୀଙ୍କ ନିକଟରେ ଯେତିକି ପରିଚିତ, ନିଜର ମଣିଷପଣିଆ ଓ ସମାଜ ପ୍ରତି ଥିବା ତାଙ୍କର ଉତରଦାୟିତ୍ୱ ଯୋଗୁଁ ସାଧାରଣ ଜନତାଙ୍କର ସେତିକି ପରିଚିତ ଥିଲେ । ନିଜର ଅସାଧାରଣ ସାଙ୍ଗଠନିକ ଦକ୍ଷତା ଯୋଗୁଁ ସେ ଅନ୍ୟ ସମଭାବାପନ୍ନ ନେତାଙ୍କ ସହ ମିଶି ବିଜେପିର ବିକାଶ ଓ ଜୟଯାତ୍ରା କ୍ଷେତ୍ରରେ ଯେଉଁ ଅବଦାନ ରଖିଯାଇଛନ୍ତି, ତାହା ଦଳକୁ ସମୃଦ୍ଧ କରିବା ସହ ଦଳର ରାଜ୍ୟ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଭାବେ ବିବେଚିତ ହେବ, ଏହା ନିଃସନ୍ଦେହ ।

ରାଜ୍ୟର ଜଣେ ଯୋଗ୍ୟ ସନ୍ତାନ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗ ଫଳରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ତାହା ଅପୂରଣୀୟ । ତାଙ୍କର ଉଚ୍ଚ ଆଦର୍ଶବୋଧ, ସରଳତା ଓ ମଣିଷପଣିଆ ଉତରପିଢ଼ିଙ୍କୁ ଉଦ୍‌ବୁଦ୍ଧ କରିବ । ଏହି ଅବସରରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ।

*ଅଧ୍ୟକ୍ଷ, ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା*
*୧୧୧, ମୁନିସିପାଲିଟି ମାର୍କେଟ୍*
*କମ୍ପ୍ଲେକ୍ସ, ଓମ୍‌ପି ଛକ, କଟକ-୩*
*ମୋ- ୯୪୩୭୦୪୩୧୦୩*

# ସାରସ୍ୱତ ସାଧନାର ପୀଠ-ମାହାଙ୍ଗା

କଳା ଓ ସାହିତ୍ୟ ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ ।ଯେଉଁ ଅ  ଳର ସାହିତ୍ୟ ଓ କଳା ଯେତେ ସମୃଦ୍ଧ ସେ ଅ  ଳ ସେତିକି ସଂସ୍କୃତି ସମ୍ପନ୍ନ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବାରେ କଟକ ଜିଲ୍ଲାର ମହଙ୍ଗା ନିର୍ବାଚନ ମଣ୍ଡଳୀର ଅବଦାନ ଉଲ୍ଲେଖନୀୟ । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର ଓ ତଦ୍‌ଜନିତ ଲକ୍ଷ ଲକ୍ଷ ଲୋକଙ୍କ ଜୀବନହାନି ସମ୍ବାଦ ତତ୍କାଳୀନ ବ୍ରିଟିଶ ସରକାର ଏବଂ ଜମିଦାରମାନଙ୍କ ପାଖରେ ପହ  ପାରିନଥିଲା, କାରଣ ପହ  ବା ପାଇଁ କୌଣସି ବ୍ୟବସ୍ଥା ଆମ ପାଖରେ ନଥିଲା । ମାହାଙ୍ଗା ମାଟିର ସୁଯୋଗ୍ୟ ସ ାନ କର୍ମବୀର ଗୌରୀଶଙ୍କର ରାୟ, ଯେ କି ଅସୁରେଶ୍ୱର ଦୀକ୍ଷିତପଡା ଗ୍ରାମରେ ୧୮୩୮ ମସିହା ଜୁଲାଇ ମାସ ୧୩ ତାରିଖରେ ଏକ ବେଙ୍ଗଲୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ, ତାଙ୍କୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ହାନି ବ୍ୟଥିତ କରିଥିଲ । ଓଡ଼ିଆ ଭାଷାରେ କିଭଳି ଏକ ଖବର କାଗଜ ପ୍ରକାଶ ପାଇବ ସେଥିପ୍ରତି ସେ ଚି ା କରିବା ସହିତ 'ଉତ୍କଳ ଦୀପିକା' ନାମକ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରଥମ କରି ଓଡ଼ିଆ ଭାଷାରେ ୧୮୬୬ ମସିହା ଅଗଷ୍ଟ ମାସ ୪ ତାରିଖରେ ପ୍ରକାଶ କରିଥିଲେ, ଫଳରେ ବିଭିନ୍ନ ଅ  ଳର ସମ୍ବାଦ ଲୋକମାନଙ୍କ ପାଖରେ ତଥା ବ୍ରିଟିଶ ସରକାରଙ୍କ ପାଖରେ ପହ  ପାରିଥିଲା । 'ଉତ୍କଳ ଦୀପିକା' ଓଡ଼ିଆ ଭାଷାର ପ୍ରଥମ ମୁଦ୍ରିତ ସମ୍ବାଦ ପତ୍ରିକାର ଗୌରବ ଲାଭ କରିଥିଲା, ଯେଉଁଥି ପାଇଁ ଗୌରୀଶଙ୍କର ରାୟଙ୍କୁ ସମ୍ବାଦପତ୍ରର ଜନକ ବୋଲି ଅବିହିତ କରାଯାଏ ଓ ସେହି ସ୍ମୃତିରେ ଅଗଷ୍ଟ ୪ ତାରିଖଟି 'ଓଡ଼ିଆ ଜର୍ଣ୍ଣାଲିଷ୍ଟ ଡେ' ଭାବରେ ପାଳିତ ହୋଇ ଆସୁଅଛି । ଓଡ଼ିଆ ଭାଷା ଯେତେବେଳେ ବିପଦରେ ଥିଲା ଓ ଏହା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବଙ୍ଗାଳୀମାନେ ଚକ୍ରା  କରୁଥିଲେ ସେ ସମୟରେ ଗୌରୀଶଙ୍କର ରାୟ ଭାଷା ଆନ୍ଦୋଳନର ଥିଲେ ଅଗ୍ର ସାରଥୀ । ସେ ମଧ ଓଡ଼ିଆ ଭାଷାଭାଷୀ ଅ  ଳକୁ ଏକତ୍ରିତ କରି ଏକ ଭାଷା ଭି  କ ପ୍ରଦେଶ ଗଠନ କରିବା ପାଇଁ ମଧୁବାବୁ ଓ ଅନ୍ୟ ମାନଙ୍କ ସହିତ ଅ  । ଭିଡ଼ିଥିଲେ, ଯାହାଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ଭାଷାଭି  କ ପ୍ରଦେଶ ଭାବେ ଘୋଷିତ ହୋଇଥିଲା । ଗୌରୀଶଙ୍କର ରାୟ ଉଚ୍ଚଶିକ୍ଷା ପରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା ଓ ପରବ ୀ ସମୟରେ କଟକ କମିଶନଙ୍କ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରି ଚାକିରୀରୁ ଅବସର ନେଇଥିଲେ । ଏହାପରେ ଭିଭିନ୍ନ ସାମାଜିକ, ଲୋକକଲ୍ୟାଣମୂଳକ କାର୍ଯ୍ୟ କରିବା ସହିତ ଅଲ୍ ଇଣ୍ଡିଆ କଂଗ୍ରେସରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସେ ଉତ୍କଳ ସାହିତ୍ୟ ସମାଜ ଓ ଉତ୍କଳ ସମ୍ମିଳନୀ ଭଳି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନରେ ନିଜକୁ ସାମିଲ କରିଥିଲେ । ରେଭେନ୍ସା କଲେଜ ଗଠନରେ ତାଙ୍କର ମଧ ସକ୍ରିୟ ଭୂମିକା ଥିଲା । ଆଧୁନିକ ଓଡିଶା ଗଠନରେ ସେ ଥିଲେ ଜଣେ ସୁଦକ୍ଷ ବିନ୍ଧାଣି ।

ଗୌରୀ ଶଙ୍କର ରାୟଙ୍କ ସାନ ଭାଇ ରାମଶଙ୍କର ରାୟ ମଧ ଥିଲେ ଜଣେ ସଫଳ ସାହିତ୍ୟିକ ଓ ଆଧୁନିକ ଓଡ଼ିଆ ନାଟକ ସାହିତ୍ୟର ଜନକ । ସେ ତାଙ୍କ ଜୀବନକାଳ ଭିତରେ ଅନେକ ଯାତ୍ରା ନାଟକ ଫାର୍ସ ଆଦି ରଚନା କରିବା ସହିତ ଉପନ୍ୟାସ, ଗାଥା କବିତା ମଧ ରଚନା କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲେ । କା  କାବେରୀ ରାମଶଙ୍କରଙ୍କ ପ୍ରଥମ ନାଟକ ଥିଲା । ଏହାପରେ ସେ ଅନେକ ନାଟକ ଯାତ୍ରା ଓ ସୁଅଙ୍ଗ ରଚନା କରିଥିଲେ । ସେଗୁଡିକ ମଧ୍ୟରୁ ରାମ ବନବାସ, କଂସ ବଧ, ଚୈତ୍ୟନ୍ୟ ଲୀଳା, ରାମାଭିଷେକ, କା  ନ ମାଳି, କଳିକାଳ, ବୁଢାବାର ଯୁଗ ଧର୍ମ ଆଦି ଅତ୍ୟ  ଲୋକପ୍ରିୟ ଥିଲା । ଏତଦ୍‌ବ୍ୟତୀତ ରାମଶଙ୍କର ରାୟ ଥିଲେ ଜଣେ ସଫଳ ଔପନ୍ୟାସିକ । ସୌଦାମିନୀ ଓ ଉନ୍ମାଦିନୀ ଦୁଇଟି ଉପାନ୍ୟସ ସେ ରଚନା କରିଥିଲେ ସତ; କି  ସେଗୁଡ଼ିକୁସମ୍ପୂର୍ଣ କରିପାରିନଥିଲେ । ବିବାସିନୀ ଥିଲା ତାଙ୍କର ଏକ ସଫଳ ଓ ସମ୍ପୂର୍ଣ ଉପନ୍ୟାସ । ପ୍ରେମତରି ନାମକ ଏକ କାବ୍ୟ ମଧ ତାଙ୍କ ଲେଖନୀ ନିଃସୃତ । ଏହା ବ୍ୟତୀତ ନାଟ୍ୟକାର ଗୀତା ବେଦ, ଉପନିଷଦ ଆଦି ଓଡ଼ିଆରେ ଅନୁବାଦ କରିଥିଲେ । ସେ ଥିଲେ ଜଣେ ନାଟ୍ୟକାର, କବି, ଔପନ୍ୟାସିକ, ଅନୁବାଦକ ଓ ମାହାଙ୍ଗା ମାଟିର ଜଣେ ସଫଳ ସ୍ରଷ୍ଟା ।

କୁସୁପୁର, ମାହାଙ୍ଗା ମାଟିର ଅନ୍ୟ ଏକ ପ୍ରତିଭା ଜ୍ଞାନୀନ୍ଦ୍ର ବର୍ମା ନିଜର ସାହିତ୍ୟ ସୃଷ୍ଟି ଓ ଅନୁବାଦ ସାହିତ୍ୟ ଯଥା- ଏଜରା ପାଉଣ୍ଡ କବିତା ଓ ସ୍ୱର୍ଣ ଯୁଗର ସନ୍ଧାନ ନାଟକ ଏକାଙ୍କିକା ପାଇଁ ଓଡିଆ ସାହିତ୍ୟ ପୁରସ୍କାର ପାଇଥିଲେ । ସେ ଜଣେ ସୁନାମଧନ୍ୟ ସାହିତ୍ୟିକ ଥିଲେ ଓ ତାଙ୍କର ଅନେକ ରଚନାବଳୀ- ଯଥା ଏକ ରାତ୍ରି, ବୋଲେ ହୁଁଟି, କଳାରେଇ ଫୁଲ, ଜୟଦେବ, ନୂତନ କବିତା ଅନନ୍ୟ ପରିକ୍ରମା ଚନ୍ଦ୍ର ଫସିଲ୍ ଓ ବୃହନ୍ନଳା, ମାଧ୍ୟାହ୍ନ ଉ  ରକ୍ରା  ଅରଣ୍ୟର କୁଜ୍‌ଝଟିକା, ତମସୋମା' ଜ୍ୟୋତିର୍ଗମୟ ପାଠକୀୟ ଅଦୃତି ଲାଭ କରିଅଛି । ଏତଦ୍‌ବ୍ୟତୀତ ଅନେକ ଇଂରାଜୀ ମୂଳ ଲେଖା କବିତାକୁ କବି ଅନୁବାଦ କରି ଅତି ସୁନ୍ଦର ଭାବରେ ପାଠକ ମାନଙ୍କ ନିକଟରେ ପହ  ାଇଛନ୍ତି । ସେଗୁଡିକ ମଧ୍ୟରୁ ଏଜରା ପାଉଣ୍ଡବାଲ୍ଟ ହ୍ୱାଇଟମ୍ୟାନ, ଏମିଲି ଯୋଲା ଓ ମରିସ ମେଟଲଙ୍କ କବିତା ଅନ୍ୟତମ । କୁସୁପୁର ମାହାଙ୍ଗା ମାଟିର ଅନନ୍ୟ ପ୍ରତିଭାର ଅଧିକାରୀ ଶିଳ୍ପୀଗୁରୁ ବିମ୍ୱାଧର ବର୍ମା ତାଙ୍କର ନିଖୁଣ ଜୀବ  ଓ ନିପୁଣ ଚିତ୍ର କଳା ଏବଂ ସାହିତ୍ୟ ସୃଷ୍ଟି ପାଇଁ ଓଡିଶା ସାହିତ୍ୟ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ତାଙ୍କ ଲେଖନୀ ନିଃସୃତ ସୃଷ୍ଟି ସାଧବ ଝିଅ, ପଲ୍ଲୀ ବଧୂ ଗୋଧୂଳି, ରାଗିଣୀ ଆଦି କାବ୍ୟ ଓ କବିତା ପାଠକୀୟ ଅଦୃତି ଲାଭ କରିଛି । ତାଙ୍କର କଳାକୃତି ପାଇଁ ଉତ୍କଳ ସାହିତ୍ୟ ସମାଜ ୧୯୪୦ ମସିହାରେ ତାଙ୍କୁ ଶିଳ୍ପୀ ଗୁରୁ ଭାବେ ଘୋଷିତ କରିଥିଲେ । ଦ୍ୱିତୀୟ ଭ ନାମରେ ସୁବିଦିତ କବି ଗୋଲଖ ଚନ୍ଦ୍ର ପ୍ରଧାନ ମାହାଙ୍ଗା ମାଟିର ଥିଲେ ଅନ୍ୟତମ ସାରସ୍ୱତ ସାଧକ । ମହଙ୍ଗା ଥାନା ଅ  ର୍ଗତ ଗୋପାଳପୁର ଗ୍ରାମରେ କବି ଜନ୍ମ ଗ୍ରହଣ କରିଥିଲେ । ସେ ବୃ  ିରେ ଜଣେ ଶିକ୍ଷକ ଥିଲେ । ତାଙ୍କର ଜନ୍ମ ବିଂଶ ଶତାବ୍ଦୀ ପ୍ରାରମ୍ଭରେ ହୋଇଥିଲେ ମଧ ପ୍ରାଚୀନ ରୀତିଯୁଗୀୟ ସାହିତ୍ୟର ଆଦର୍ଶ, ଏପରିକି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଶୈଳୀରେ ସେ ଉଦ୍‌ବୁଦ୍ଧ ହୋଇ ଇନ୍ଦୁରେଖା ଓ ସତ୍ୟଭାମା ନାମରେ ଦୁଇଟି କାବ୍ୟ ରଚନା କରିଥିଲେ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଥିବା ଶବ୍ଦ ସଂଯୋଜନା ଶୈଳୀ ଲଳିତ୍ୟ ଓ ଆଳଙ୍କାରିକ ଭାଷାର ପ୍ରୟୋଗ ଥିଲା କବି ଗୋଲଖ ପ୍ରଧାନଙ୍କ କାବ୍ୟ ରଚନାର ବିଶେଷତ୍ୱ, ସେଥିପାଇଁ ତାଙ୍କୁ ଦ୍ୱିତୀୟ ଭ ବୋଲି କୁହାଯାଏ । ଏତଦ୍‌ବ୍ୟତୀତ ତାଙ୍କ ଲେଖନୀ ମୂନରୁ ଅର୍ଜୁନ ଦକ୍ଷିଣା. ଶ୍ରୀ ରଘୁନାଥ ତୁଳସୀ, ବିଳାସ ଓ ଦେବକୁଟ ଭଳି କାବ୍ୟ ସୃଷ୍ଟି ହୋଇଥିଲା । ମହାପୁରୁଷ ଅରକ୍ଷିତ ଦାସ ଓ ଯୋଗ ଦର୍ପଣ ନାମକ ଦୁଇଟି ଗଦ୍ୟ ଗ୍ରନ୍ଥ ମଧ ଥିଲା ତାଙ୍କ ଲେଖନୀ ନିଃସୃତ । ସତ୍ୟଭାମା କାବ୍ୟ ପାଇଁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ମହଙ୍ଗା ମାଟିକୁ ଗୌରବାନ୍ୱିତ କରିବାରେ କବିଙ୍କ ଅବଦାନ ଅବିସ୍ମରଣୀୟ । ମହଙ୍ଗା ମାଟିର ଅନ୍ୟତମ ସ୍ରଷ୍ଟା ଓ ଓଡ଼ିଆ ଆଧୁନିକ ନାଟକ ସାହିତ୍ୟର ଜନକ ଜଗନମୋହନ ଲାଲା ୧୮୩୮ ମସିହାରେ କଟକ ଜିଲ୍ଲା ମାହାଙ୍ଗାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପୂର୍ବ ପୁରୁଷମାନେ ବିହାରରୁ ଆସି ଓଡ଼ିଶାରେ ଜମିଦାରୀ ସମ୍ଭାଳିଥିଲେ । ଜଗନ୍ ମୋହନ ଲାଲା ବ୍ରିଟିଶ ସରକାରଙ୍କ ଅଧୀନରେ ଡେପୁଟି କଲେକ୍ଟର ଚାକିରୀ କରିଥିଲେ ମଧ ସାହିତ୍ୟ ସୃଷ୍ଟି ପ୍ରତି ଥିଲା ତାଙ୍କର ଗଭୀର ରୁଚି । ତାଙ୍କ ରଚିତ 'ବାବାଜୀ' ନାଟକ ଥିଲା ଓଡ଼ିଆ ଆଧୁନିକ ନାଟ୍ୟ ଜଗତକୁ ପ୍ରଥମ ଅର୍ଘ୍ୟ । ଓଡ଼ିଆ ନାଟକ ସାହିତ୍ୟରେ ପ୍ରଥମ ନାଟକ ଭାବରେ ବାବାଜୀ ଗୌରବ ଲାଭ କରିପାରିଛ । ନାଟ୍ୟକାରଙ୍କ ଅନ୍ୟ ଏକ ସଫଳ ସୃଷ୍ଟି ସତୀ ନାଟକ ମାଧ୍ୟମରେ ସେ ସତୀପ୍ରଥା ବିରୁଦ୍ଧରେ ସ୍ୱର ଉ  ାଳନ କରିଛନ୍ତି । ସେ ଏକାଧାରରେ ଥିଲେ ଐତିହାସିକ, ସମାଜ ସଂସ୍କାରକ, ସମାଜସେବୀ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ନାୟକ, ମ  ପ୍ରସ୍ତୁତକାରୀ । ବହୁ ବିନିଦ୍ର ରଜନୀର ଅଭିନେତା ନିଜ ନାଟକରେ ନିଜେ ମଧ ସେ ଅଭିନୟ କରିଛନ୍ତି । ଆଧୁନିକ ଓଡ଼ିଆ ନାଟ୍ୟ ଜଗତର ସେ ଥିଲେ ଜଣେ ସଫଳ ସ୍ରଷ୍ଟା । ଏତଦ୍ ବ୍ୟତୀତ ଜଗନ୍‌ମୋହନ ଲାଲାଙ୍କ ଭ୍ରମଭନ କବିତା ଓ ଓଡିଶା ବିଜୟ ଭଳି ଲେଖ ମଧ ପାଠକୀୟ ଅଦୃତି ଲାଭ କରିଛି । ପ୍ରଥମ ଆଧୁନିକ ଓଡ଼ିଆ ନାଟ୍ୟକାର ଭାବେ ଜଗନ୍‌ମୋହନ ଲାଲା ସ୍ମରଣୀୟ ହୋଇ ରହିବେ । ମହଙ୍ଗା ମାଟିର ଅନ୍ୟତମ ସାରସ୍ୱତ ସାଧକ ଓ ସଫଳସ୍ରଷ୍ଟା ପଲ୍ଲୀକବି ନନ୍ଦକିଶୋର ବଳ ମାହାଙ୍ଗା ନିକଟସ୍ଥ କୁସୁପୁର ଗ୍ରାମରେ ପିତା ଭଜନା ନନ୍ଦ ଜେନା ଓ ମାତା ହିରଣ୍ୟମୟୀ ଦେବୀଙ୍କ ଔରସରୁ ୧୮୭୫ ମସିହା ଡିସେମ୍ବର ମାସରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିଲା ଦିନର ନାମ ଥିଲା ରସାନନ୍ଦ ଜେନା । ସେ ତାଙ୍କ ପିଯୁସି ଘର ବଳ ପରିବାରକୁ ପୁଅ ହୋଇ ଯାଇଥିବାରୁ ତାଙ୍କ ନାମ ନନ୍ଦ କିଶୋର ଜେନା ପରିବ  ବଳ ରହିଥିଲା । କବି ରେଭେନ୍ସା କଲେଜରୁ ପାଠ ପଢା ଶେଷ କରି ମଧୁସୂଦନ ଦାସଙ୍କ ପ୍ରତିଷ୍ଠିତ ଟାଉନ ହଲ ବିଦ୍ୟାଳୟ କଟକରେ ଶିକ୍ଷକତା ଆରମ୍ଭ କରିଥିଲେ । ପରବ ୀ ସମୟରେ ପ୍ରଧାନ ଶିକ୍ଷକ ଓ ସ୍କୁଲ ନିରୀକ୍ଷକ ପଦକୁ ପଦୋନ୍ନତି ପାଇବା ପରେ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ଗାଁରେ ରହିଥିଲେ । ଗ୍ରାମା  ଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ସନ୍ଧ୍ୟା ସକାଳର ଦୃଶ୍ୟକୁ କବି ନିଜ ଲେଖନୀ ମୁନରେ ଅତି ସୁନ୍ଦର ଓ ଜୀବ  ଭାବରେ ରୁପାୟିତ କରିଥିଲେ, ଯେଉଁଥିପାଇଁ ତାଙ୍କୁ ପଲ୍ଲୀ କବିର ଗୌରବ ମିଳିଥିଲା । କବି ତାଙ୍କ ଜୀବନ କାଳରେ ଏକଶହରୁ ଅଧିକ ସନେଟ ରଚନା କରି ଆଧୁନିକ ଓଡ଼ିଆ କବିତା ସାହିତ୍ୟକୁ ରଦ୍ଧିମ  କରିଯାଇଛନ୍ତି । କବିଙ୍କ ନନାବାୟା ଗୀତ ଛୋଟ ପିଲାମାନଙ୍କ ମନରେ ଗଭୀର ପ୍ରଭାବ ପକାଇଥାଏ । ନିର୍ଝରିଣୀ, ପଲ୍ଲୀଚିତ୍ର, ବସ  କୋକିଳ, ତରଙ୍ଗିଣୀ ଚାରୁଚିତ୍ର, ନିର୍ମାଲ୍ୟ ପ୍ରଭାତ ସଂଗୀତ ସନ୍ଧ୍ୟା ସଂଗୀତ, କୃଷ୍ଣା କୁମାରୀ ଶ୍ରମିଷ୍ଠ ଆଦି ଲେଖା ଗୁଡିକ ପାଠକୀୟ ଅଦୃତି ଲାଭ କରିଛି । ଏତଦ୍‌ବ୍ୟତୀତ କବିଙ୍କ 'କନକଲତା' ଉପନ୍ୟାସଟି ଯୌତୁକ ନିର୍ଯ୍ୟାତନାର କୁପ୍ରଭାବ ଓ ବାଲ୍ୟ ବିଧବା ନାରୀର ଯନ୍ତ୍ରଣା ଉପରେ ଆଧାରିତ । ସାହିତ୍ୟରେ ସାମାଜିକ ଚେତନା ଓ ଗ୍ରାମୀଣ ସଂସ୍କୃତିର ବର୍ଣ୍ଣନା ଥିଲା ନନ୍ଦ କିଶୋର ବଳଙ୍କ ସୃଷ୍ଟିର ବିଶେଷତ୍ୱ ।

ପଶୁଲୁଣ୍ଡା ମାହାଙ୍ଗା ମାଟିରେ ଜନ୍ମ ନେଇଥିବା ପ୍ୟାରୀ ମୋହନ ଆଚାର୍ଯ୍ୟ ଉତ୍କଳପୁତ୍ର ନାମକ ଏକ ଓଡ଼ିଆ ପତ୍ରିକାର ସମ୍ପାଦକ ଓ ପ୍ରକାଶକ ଥିଲେ । ଓଡ଼ିଆ ସାହିତ୍ୟ ଓ ସମ୍ବାଦ କ୍ଷେତ୍ରରେ ଥିବା ତାଙ୍କର ଅବଦାନ ଏ ଜାତି କେବେ ଭୁଲିବ ନାହିଁ । ଓଡ଼ିଆ ଇତିହାସ ରଚନା କରି ସେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜିବିତ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ଅନେକ ଲୋକ କଲ୍ୟାଣମୂଳକ କାର୍ଯ୍ୟ, ଏପରିକି କଟକରେ ଏକ ବିଦ୍ୟାଳୟ ସ୍ଥାପନା କରାଯାଇଥିଲା, ଯେକି ଅଜି ପ୍ୟାରୀମୋହନ ଏକାଡେମୀ ନାମରେ ପରିଚିତ । ସେ ଜଣେ ଐତିହାସିକ, ଶିକ୍ଷାବିତ୍, ବିଦ୍ୱାନ ଓ ସମ୍ବାଦ ପତ୍ରର ସମ୍ପାଦକ ଓ ପ୍ରକାଶକ ଭାବରେ ପରିଚିତ । ମାହାଙ୍ଗା ମାଟିର ଅନ୍ୟତମ ସାରସ୍ୱତ ସାଧକ ଗଣ କବି ବୈଷ୍ଣବ ପାଣି କୋଠପଦା ଗ୍ରାମ ରେ ୧୮୮୨ ମସିହା କୁମାରପୂର୍ଣ୍ଣମୀ ରେ ପିତା ସୁଦର୍ଶନ ପାଣି ଓ ମାତା ଛାୟା ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିଲାଦିନର ନାଁ ଥିଲା ଶତ୍ରୁଘ୍ନ ପାଣି । ସେ ପିଲା ଦିନରୁ ରୋଗଗ୍ରସ୍ତ ଥିବାରୁ ତାଙ୍କର ପିତା ମାତା ତାଙ୍କୁ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିଦେଇ ତାଙ୍କ ନାମ ବୈଷ୍ଣବ ରଖିଥିଲେ । ଦାରିଦ୍ରର କସାଘାତ ଭିତରେ ରହି କବି ମାତ୍ର ସପ୍ତମ ଶ୍ରେଣୀ ପର୍ଯ୍ୟ  ଶିକ୍ଷା ଲାଭ କରିଥିଲେ । ଏହାପରେ ସେ ନିଜ ଚେଷ୍ଟାରେ ବଙ୍ଗଳା, ସଂସ୍କୃତ, ହିନ୍ଦୀ ଆଦି ଭାଷା ଶିକ୍ଷା କରିଥିଲେ । ସେ ଯୁବକ ଅବସ୍ଥାରେ ପ୍ରଥମେ ପାଲା ଗାୟକ ଭାବେ ଭିଭିନ୍ନ ସ୍ଥାନ ବୁଲି ପାଲା ପରିବେଷଣ କରୁଥିଲେ ଓ ଏହା ପରେ ଯାତ୍ରା ଦଳ ଗଠନ କରି ନିଜେ ଯାତ୍ରା, ସୁଅଙ୍ଗ ରଚନା କରିବା ସହିତ ସେଗୁଡିକୁ ମ  ସ୍ଥ କରୁଥିଲେ । ତାଙ୍କର ଲୋକ ପ୍ରିୟ ଯାତ୍ରାଗୁଡିକ ମଧ୍ୟରୁ ସୌଦାଗର ଫାର୍ସ, ଆବୁହୁସେନ ଫାର୍ସ, ନାଟୁଆ ମର୍ହା  ପ୍ରଭୃତି ଅନ୍ୟତମ । ସେ ପ୍ରଥମେ ଓଡ଼ିଆରେ ଗୀତିନାଟ୍ୟ ରଚନା କରି ସେହି ନାଟକ ଗୁଡିକୁ ପରିବେଷଣ କରୁଥିଲେ । ତାଙ୍କ ଲେଖନୀ ମୁନରୁ ଶତାଧିକ ଗୀତିନାଟ୍ୟ ଆତ୍ମପ୍ରକାଶ କରିଥିଲା । ସେଗୁଡିକ ମଧ୍ୟରେ ଗୀତିନାଟ୍ୟ-ନଳ ଦମୟ ୀ, ରାବଣ ବଧ, ବାକଶୁର ବଧ, ଜରାସନ୍ଧ ବଧ ଅତି ଅତ୍ୟ  ଜନପ୍ରିୟ ହୋଇପାରିଥିଲା । ଗୀତିନାଟ୍ୟ ଗୁଡିକ ଯଦିଓ ପୌରାଣିକ ଓ ଐତିହାସିକ ବିଷୟବସ୍ତୁ ଉପରେ ଆଧାରିତ ଥିଲା ହେଲେ କବି ତା' ମାଧ୍ୟମରେ ସାମାଜିକ ଅବ୍ୟବସ୍ଥା, କୁସଂସ୍କାର ଉତ୍କଟ ଜାତିପ୍ରଥା ବିରୁଧରେ ସ୍ୱର ଉ  ାଳନ କରିଥିଲେ । କବି ତାଙ୍କ ଜୀବନକାଳ ଭିତରେ ୬୦୦ରୁ ଅଧିକ ବହି ଯଥା ଗୀତିନାଟ୍ୟ, ଯାତ୍ରା, ଫାର୍ସ, ଚଉତିଶା, ଭଜନ ଆଦି ରଚନା କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲେ । ଲୋକମାନଙ୍କ ମନୋରନ କରିବା ସହିତ ସମାଜରେ ଥିବା କୁସଂସ୍କାର, ଅନ୍ଧବିଶ୍ୱାସ ଉତ୍କଟ ଜାତିପ୍ରଥା ବିରୁଧରେ ସ୍ୱର ଉ  ାଳନ କରିଥିଲେ ଓ ସେ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ଜଣେ ଧୋବଣୀକୁ ବିଭା ହୋଇଥିଲେ । ସେ ଥିଲେ ଯାତ୍ର ଓ ଗୀତିନାଟ୍ୟ ଜଗତର ବାଦ୍‌ଶାହା । ସେଥିପାଇଁ ତାଙ୍କ ମୃତ୍ୟୁର ୧୦ ବର୍ଷ ପରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ଗଣକବି' ଉପାଧିରେ ଭୂଷିତ କରିଥିଲେ ।

ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବାରେ ବାଗ୍ମୀ ବିଶ୍ୱନାଥ କରଙ୍କ ଯୋଗଦାନକୁ ଅସ୍ୱୀକାର କରା ନଯାଇପାରେ । ବିଶ୍ୱନାଥ କର ୧୮୬୪ ମସିହା ଡ଼ିସେମ୍ବର ମାସ ୨୪ ତାରିଖରେ ମୁଲୁବସ , ମହଙ୍ଗା ମାଟିରେ ଜନ୍ମ ଗ୍ରହଣ କରିଥିଲେ । ସେ ଏକାଧାରରେ ଥିଲେ ଜଣେ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଶିକ୍ଷକ, ସମ୍ପାଦକ, ପ୍ରବନ୍ଧିକ ଓ ବାଗ୍ମୀ । ସେ ଉତ୍କଳ ସାହିତ୍ୟ ପତ୍ରିକାର ସମ୍ପାଦକ ଥିବା ସମୟରେ କଟକଠାରେ ଉତ୍କଳ ସାହିତ୍ୟ ପ୍ରେସ୍ ସ୍ଥାପନ କରିଥିଲେ ଓ ଉତ୍କଳ ସମ୍ମିଳନୀର ଅନ୍ୟତମ ସ  ାଳକ ଥିଲେ । ସେ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ବିରୁଦ୍ଧରେ ଲୋକମାନଙ୍କୁ ସଚେତନ କରୁଥିଲେ । ତତ୍କାଳୀନ ବ୍ରିଟିଶ ସରକାରଙ୍କଠାରୁ 'ରାୟ ବାହାଦୁର' ଉପାଧୀ ପାଇ ତାକୁ ପ୍ରତ୍ୟାଖ୍ୟାନ କରିବାରେ ସେ ଥିଲେ ପ୍ରଥମ ଓଡ଼ିଆ ବ୍ୟକ୍ତି । ୧୮୯୬ ମସିହାରେ ସେ ବିବିଧା ପ୍ରବନ୍ଧ ପୁସ୍ତକ ରଚନା କରିଥିଲେ । ପୁସ୍ତକଟି ସାହିତ୍ୟ, ସଂସ୍କୃତି, ଧର୍ମ, ସଭ୍ୟତା ଇତ୍ୟାଦି ବିଷୟରେ ବିଭିନ୍ନ ସମୟରେ ରଚିତ ଓ ଉତ୍କଳ ସାହିତ୍ୟରେ ପୂର୍ବରୁ ପ୍ରକାଶିତ ପ୍ରବନ୍ଧାବଳୀର ଏକ ସଂକଳନ । ମହଙ୍ଗା ମାଟିର ଅନ୍ୟତମ ଯୋଗଜନ୍ମା ସ୍ରଷ୍ଟା ପଦ୍ମଶ୍ରୀ ରଜତ କୁମାର କର ଏକାଧାରାରେ ଥିଲେ ଜଗନ୍ନାଥ ସଂସ୍କୃତିର ଗବେଷକ, ଜଣେ ଶିକ୍ଷବିତ୍, ପ୍ରବଚକ, ଭ ସାହିତ୍ୟର ସମୀକ୍ଷକ ଓ ଲେଖକ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଗୁଡିକୁ ସମୀକ୍ଷା କରି ପୁସ୍ତକ ରଚନା କରିବା ସହିତ ଜଗନ୍ନାଥ ସଂସ୍କୃତି ଉପରେ ଅନେକ ପୁସ୍ତକ ରଚନା କରିଯାଇଛନ୍ତି । ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଜଗତରେ ସେ ଥିଲେ ଏକ ଅମଳିନ ପ୍ରତିଭା ଓ ମହଙ୍ଗା ମାଟିର ଗୌରବ । ଉପେନ୍ଦ୍ର ଭଞ୍ଜଙ୍କ ଉପରେ ସେ ମଧ ଏକ ନାଟକ ରଚନା କରିଥିଲେ ଓ ବିଚ୍ଛନ୍ଦ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ କଳିଙ୍ଗ ଭାରତୀର ସଭାପତି ପଦ ଅଳଙ୍କୃତ କରିଥିଲେ, ଯାହାର ଉଦେଶ୍ୟ ଥିଲା ଭ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା । ଓଡ଼ିଆ ଭାଷା ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବାରେ ମହଙ୍ଗା ମାଟିର ଅବଦାନ ଅବିସ୍ମରଣୀୟ, ଯେଉଁଥିପାଇଁ ଓଡ଼ିଆ ସାହିତ୍ୟ ଇତିହାସରେ ମହଙ୍ଗା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ।



ପ୍ରଦୀପ୍ତ କୁମାର ଜେନା

*ଅବସରପ୍ରାପ୍ତପୋଲିସ ଅଫିସର*




# ଓବେସୋଫୋବିଆ





ଓଜନ ବଢ଼ିବା, ବର୍ତ୍ତମାନ ସମୟରେ ସବୁଠୁ ବଡ଼ ଚିନ୍ତା ଭିତରୁ ଗୋଟିଏ। ଓଜନ ବୃଦ୍ଧି ପାଇବା ଅନେକ ରୋଗର କାରଣ ପାଲଟୁଛି। ଏହି କାରଣରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କେହି କେହି ଓଜନ ବୃଦ୍ଧିକୁ ନେଇ ଏତେ ଚିନ୍ତିତ ହୋଇପଡୁଛନ୍ତି ଯାହା ଏକ ମାନସିକ ସମସ୍ୟାରେ ପରିଣତ ହେଉଛି। ଯଦି ଆପଣ ବି ସବୁବେଳେ ଓଜନ ବୃଦ୍ଧିକୁ ନେଇ ଭୟ କରୁଥିବେ, କାଳେ ମୋର ଓଜନ ବଢ଼ିଯିବନି। ତା'ହେଲେ ଏହାକୁ ଫୋବିଆ ରୂପରେ ଦେଖାଯାଇଥାଏ। ଏହି ଫୋବିଆକୁ ଡାକ୍ତରୀ ଭାଷାରେ କୁହାଯାଇଥାଏ ଓବେସୋଫୋବିଆ। ଓବେସୋଫୋବିଆ ଓଜନ ବୃଦ୍ଧିକୁ ନେଇ ମନରେ ଆସୁଥିବା ଏକ ଅସାମାନ୍ୟ ଡର, ଯାହା ବ୍ୟକ୍ତିର ଖାଦ୍ୟପେୟ ଅଭ୍ୟାସକୁ ପ୍ରଭାବିତ କରିଥାଏ। ଏହି ଫୋବିଆରେ ପୀଡ଼ିତ ବ୍ୟକ୍ତି ଅନ୍ୟ ମାନସିକ ରୋଗ ଯେମିତି ଏନେରେକ୍ସିଆ, ବୁଲିମିଆ ପରି ରୋଗରେ ମଧ୍ୟ ପୀଡ଼ିତ ଥାଆନ୍ତି। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତି ଅଧିକ ମୋଟା ଲୋକଙ୍କୁ ଘୃଣା କରିଥାନ୍ତି। ଏମିତିକି ସେମାନେ କିଛି ବି ଖାଇବାକୁ ଭୟ କରିଥାନ୍ତି। ଓବେସୋଫୋବିଆ ହେବାର ଅନେକ କାରଣ ରହିଛି। ପିଲାଦିନେ ଓଜନକୁ ନେଇ କୌଣସି ଖରାପ ଅନୁଭବ କିମ୍ବା ଆଖପାଖ ପରିବେଶ ଏହି ମାନସିକ ରୋଗ ହେବାର କାରଣ ହୋଇପାରେ। ନଚେତ ଏହି ମାନସିକ ରୋଗ ଯଦି ପରିବାରରେ କାହାକୁ ହୋଇଥିବ ତା'ହେଲେ ଘରର ଅନ୍ୟ ସଦସ୍ୟଙ୍କୁ ହେବାର ମଧ୍ୟ ଆଶଙ୍କା ଥାଏ। ଅନ୍ୟ କାରଣ ଗୁଡ଼ିକରେ ସାମାଜିକ ଚିନ୍ତା, ମନରେ ଅସୁରକ୍ଷିତ ଭାବନା କିମ୍ବା ଲୋକଙ୍କ ଆଲୋଚନାର କାରଣ ମଧ୍ୟ ମନରେ ମୋଟା ହେବାର ଭୟ ସୃଷ୍ଟି କରିଥାଏ। ଅନେକ ଲୋକ ଏହାର ଲକ୍ଷଣ ଜାଣି ପାରିନଥାନ୍ତି। ଏହାକୁ ଉତ୍ତମ ଖାଦ୍ୟ ଅଭ୍ୟାସ ବୋଲି ଭାବିଥାନ୍ତି। କିନ୍ତୁ ଏହି ଅଭ୍ୟାସ ଓବେସୋଫୋବିଆର କାରଣ ହୋଇପାରେ। ସ୍ୱାସ୍ଥ୍ୟକର ଡାଏଟ୍ ଅନୁସରଣ କରିବା ଓବେସୋଫୋବିଆ ନୁହେଁ। କିନ୍ତୁ ଯଦି କେହି ପତଳା ରହିବା ପାଇଁ ଆବଶ୍ୟକତାଠାରୁ ଅଧିକ ଡାଏଟ ଅନୁସରଣ କରିବା, ଏକ୍ସରସାଇଜ କରିବା ଏବଂ ଭୋକିଲା ରହିବା ଓବେସୋଫୋବିଆର ଲକ୍ଷଣ ହୋଇପାରେ। ଓବେସୋଫୋବିଆର କୌଣସି ଗୋଟିଏ ଚିକିତ୍ସା ନାହିଁ। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତିର କାରଣ ବୁଝି ଡାକ୍ତର ଏହାର ଚିକିତ୍ସା କରିଥାନ୍ତି। ଥେରାପି ଏବଂ ବ୍ରେନ୍ ଏକ୍ସରସାଇଜରେ ମଧ୍ୟ ଭଲ ହୋଇପାରେ।

**—ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ: ୯୧୩୨୪୩୩୩୩୩**

# ଜାତୀୟ ସ୍ତରୀୟ ଆଲୋଚ଼ନା ଚ଼କ୍ର ଓ ନାଗରିକ ପ୍ରତିଭା ସମ୍ମାନ ସମାରୋହ



ଭୁବନେଶ୍ୱର(ପି.ଏନ): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସକୃତିକ ଅନୁଷ୍ଠାନ ହପି ଇଣ୍ଡିଆ ମୋମେଣ୍ଟ ପକ୍ଷରୁ ଜାତୀୟ ସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ ପୁରୀ ର ସଂସ୍କୃତି ଭବନ ରେ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଟି ଆନୁଷ୍ଠାନିକ ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଙ୍କତତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ରାଜ୍ୟ ସଭା ସାଂସଦ ସୁଭାସିସ ଖୁଣ୍ଟିଆ, ମୁଖ୍ୟ ଅଟିଥି,ସମ୍ମାନିତ ଅତିଥି ରୂପେ ପ୍ରଫେସର ଦାସ ବେନହୁର, ପଣ୍ଡିତ ନୀଳକଣ୍ଠ ରାଉତ ଦାର୍ଶନିକ, ସଶାଧର ପଣ୍ଡା, ରାଜ୍ୟ ମୁଖ୍ୟ ହାପିମୋମଣ୍ଟଇଣ୍ଡିଆ,ସନ୍ତୋଷ ସେଠୀ , ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ, କୁଞ୍ଜ ବିହାରୀ ରାଉତ, ଉପ ସଭାପତି ସାମ୍ବାଦିକ ସଂଘ, ଡକ୍ଟର ବନ୍ଦନା ହରିଚ଼ନ୍ଦନ, ଲେଖିକା ଶ୍ରୀମତୀ ଓ ଶ୍ରୀମତୀ ଶୁଭ୍ରା ପଣ୍ଡା ସମ୍ମାନିତ ଅତିଥି ରୂପେ। ଉପସ୍ଥିତ ଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ସୁଭାସିସ ଖୁଣ୍ଟିଆଙ୍କ ଦ୍ୱାରା ଚ଼ିତାକର୍ଷକ ଭାଷଣ ଓ ପରବର୍ତ୍ତୀ ମୁହୂର୍ତ୍ତ ରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇ ଥିଲା ଏଥିରେ ପ୍ରତିଭା ସମ୍ମାନ ୨୦୨୫ ଶ୍ରୀ ପ୍ରଦୀପ ଚ଼ନ୍ଦ୍ର ଚୌଧୁରୀ ରାଜ୍ୟ ପ୍ରତିନିଧି, ଓ ବିପିନ ବିହାରୀ ବିଶ୍ୱାଳଙ୍କୁ ଦିଆ ଯାଇଥିବା ବେଳେ ଆନ୍ତର୍ଜାତୀୟ ସ୍ତରୀୟ ସ୍ୱର୍ଣ୍ଣ ମହିଳା ଭାବେ ରାୟଗଡ଼ା ର କ୍ୟାପଟେନ ରୀତା ରାଣୀ ମିଶ୍ର, ସୁଜାତାମାଦଲା ଓ ସଂଯୁକ୍ତା ମିଶ୍ର ଙ୍କୁ ପ୍ରଦାନ କରାଯାଇଛି କ୍ଷ ଦ୍ୱିତୀୟ ପର୍ଯ୍ୟାୟ ରେ ସାରସ୍ୱତ ମହାକୁଂଭ ବିଷୟରେ ଆଲୋଚ଼ନା କରା ଯାଇଥିଲା କ୍ଷ କାର୍ଯ୍ୟକ୍ରମ ମଧ୍ୟ ରେ ଶିଶୁ କଳାକାରଙ୍କ ଦ୍ୱାରା ଚ଼ିତାକର୍ଷକ ନୃତ୍ୟ ପରିବେଷଣ କରାଯାଇ ଥିଲା।

# 'ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି'

ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚ଼ଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖ୍ୟା ନଗଣ୍ୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା । ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ସେଞ୍ଚୁରିଅନ ଶିକ୍ଷାନୁଷ୍ଠାନରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ



ରାୟଗଡ଼ା, (ପି.ଏନ): World Tuberculosis Day ଯକ୍ଷ୍ମା(Tuberculosis) ବା ଟିବି ଏକ ସଂକ୍ରାମକ ରୋଗ ଅଟେ। ଏହି ରୋଗର ନିରାକରଣ ନିମନ୍ତେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯାଏ। ଏହି ପରିପେକ୍ଷିରେରାୟଗଡ଼ା ସହର ଉପଖଣ୍ଡ ପିତାମହଲ ସ୍ଥିତ ସେଞ୍ଚୁରିଅନବିଶ୍ୱବିଦ୍ୟାଳୟ ପରିସରରେ ନର୍ସିଂ ବିଭାଗର ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଛି। ଛାତ୍ରଛାତ୍ରୀ ମାନେ ଚ଼ିତ୍ର ଆଙ୍କି ଏହି ଯକ୍ଷ୍ମା ବା ଟିବି ସମ୍ପର୍କରେ ସଚେତନତା ସୃଷ୍ଟି କରିଥଲେ। ଏହାସହ ଯକ୍ଷ୍ମା ବା ଟିବି ରୋଗ ର ଲକ୍ଷଣ, କାରଣ ଓ ନିରାକରଣ ବିଶୟ ଉପରେ ଆଲଚ଼ନା କରାଯାଇଥିଲା । ସେହିପରି ଯକ୍ଷ୍ମା ବା ଟିବି ରୋଗ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିସରରେ ପରିଦର୍ଶନ କରଯାଇଥିଲା। ନର୍ସିଂ ଅଧକ୍ଷ କେ. ଉର୍ମିଳାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନର୍ସିଂ ବିଭାଗର ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିବା ବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷିତ୍ରୀମାନେ ସାମିଲ ହୋଇଥିଲେ ।

# ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବଉଳାବନ୍ଧର ପ୍ରଖ୍ୟାତଯଶା କଳାକାର ତଥା ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥ ଗାୟତ୍ରୀ ମନ୍ଦିର ପରିସରରେ 'ରାମାୟଣର ସାମାଜିକ ପ୍ରତିଫଳନ' ନେଇ ଏକ ଆଲୋଚନାଚକ୍ର ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଶିଷ୍ଟ କୂଟନୀତିଜ୍ଞ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଅବସର ବେଉରିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସାନଭାଇ ସ୍ୱର୍ଗତଃ ଭବାନୀଚରଣ ପଟ୍ଟନାୟକଙ୍କ ପଚାଶ ବର୍ଷ ତଳର ପାଣ୍ଡୁଲିପି 'ଆଦରିଣୀ' ତାଙ୍କ ନାତୁଣୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା। ଏହି କବିତା ପୁସ୍ତକର ସଂଗୀତ ଶୈଳୀ ମନୋମୁଗ୍ଧକର ବୋଲି ମତପ୍ରକାଶ ପାଇଥିଲା। ସେହିପରି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ଉତ୍କଳ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା' ଶୀର୍ଷକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ରାମାୟଣ' ଉପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ପତିତପାବନ ଦଳାଇ, ମୁଖ୍ୟବକ୍ତା ରୂପେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଡଭୋକେଟ୍ ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦୟାନିଧି ସାହୁ ଯୋଗଦେଇ ରାମାୟଣ-ତ୍ୟାଗ ଓ ମହନୀୟତାର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗୟାପ୍ରସାଦ ମିଶ୍ର, ସମରେନ୍ଦ୍ର ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା, ବିଳାସିନୀ ଦାଶ, ସୌଭାଗ୍ୟକୁମାର କର, ବ୍ରଜକିଶୋର ସାହୁ, ଆଡଭୋକେଟ୍ ବିକ୍ରମକେଶରୀ ଚମ୍ପତି, ନଳିନୀ ଦାଶ, ନାରାୟଣ ଦାସ ଓ ଶାନ୍ତିଲତା ଦେବୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପଣ୍ଡିତ ବାସୁଦେବ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଆୟୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ସାହୁ, ଦିଲ୍ଲୀପ କୁମାର କର ଓ ସୁକାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତାରେ ବୋହିଯାଉଛି କେନାଲ ପାଣି



ଧର୍ମଶାଳା (ପିଏନ୍): ଚାଷଜମିକୁ ଜଳସେଚନ କରିବାପାଇଁ କେନାଲ୍ ମାଧ୍ୟମରେ ପାଣି ଛଡ଼ାଯାଉଛି । ହେଲେ ନିମ୍ନମାନର ମରାମତି କାମ ପାଇଁ ରାସ୍ତାରେ ବୋହିଯାଉଛି କେନାଲ୍ ପାଣି । ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗଡ଼ିଆ ମୌଜାରେ ଏଭଳି ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି । ଦୁର୍ବଳ କେନାଲ ବନ୍ଧ ଓ ମରାମତି ଅଭାବରୁ କେନାଲରୁ ପାଣି ବୋହିଯାଇ ରାସ୍ତାରେ ଲହଡ଼ି ଭାଙ୍ଗୁଛି । ପାଣିକାଦୁଅ ରାସ୍ତାରେ ଯାତାୟାତ କରିବା ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ କଷ୍ଟକର ହେଉଛି । ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ବିରୂପା ନଦୀରୁ ହାଇଲେଭଲ୍ କେନାଲ୍ ମାଧ୍ୟମରେ ଧର୍ମଶାଳା ବ୍ଲକର ଛାଷଜମି ପାଇଁ ପାଣି ଛଡ଼ାଯାଏ । ହାଇଲେଭଲ୍ କେନାଲରୁ ୧୩ ଓ ୧୪ନମ୍ବର କେନାଲ୍ ଦେଇ ବିଭିନ୍ନ ଅଂଚଳକୁ ପାଣିଯାଉଛି । ଦୁବଗଡ଼ିଆ ମୌଜାରେ ୧୪ନମ୍ବର କେନାଲରୁ ବାହାରିଥିବା ଶାଖା କେନାଲରେ ଶଙ୍ଖାରିଡ଼ିହ ମୌଜାକୁ ପାଣି ଯାଇଥାଏ । ହେଲେ ଏହି ଶାଖା କେନାଲର ଦୁବଗଡ଼ିଆ ଗାଁ ଶ୍ମଶାନ ନିକଟରେ ବାରମ୍ବାର ଘଳିଆ ପଡୁଛି । କେନାଲରୁ ପାଣି ବାହାରି ନିକଟରେ ଥିବା ରାସ୍ତାରେ ପ୍ରବାହିତ ହେଉଛି । ଏହି ରାସ୍ତାରେ ସ୍ଥାନୀୟ ଉତର ଶାସନ, ନାଉପାଳ ଓ ଦୁବଗଡ଼ିଆ ଆଦି ଗ୍ରାମର ଶହ ଶହ ଲୋକ ଏବଂ ବହୁ ଗାଡ଼ିମୋଟର ଯାତାୟାତ କରୁଛନ୍ତି । ଅନେକ ସମୟରେ ଉକ୍ତ ରାସ୍ତାରେ କେନାଲ ପାଣି ପ୍ରବାହିତ ହେଉଛି । ଫଳରେ ଯା'ଆସ କରିବାରେ ବହୁ ସମସ୍ୟା ସୃଷ୍ଟି ହେବାସହିତ ରାସ୍ତା ନଷ୍ଟ ହେଉଛି । ଏନେଇ ସ୍ଥାନୀୟ ଚାଷୀ ବହୁବାର ଜାରକା ସେଚ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନାହିଁ। ପ୍ରତିବର୍ଷ ଚାଷୀମାନେ ଜଳକର ଦେଉଥିବା ବେଳେ ଆବଶ୍ୟକ ଅନୁଯାୟୀ କେନାଲ ପାଣି ପାଇପାରୁନାହିଁ । ଫଳରେ ପାଣି ଅଭାବରୁ ଫସଲହାନୀ ହେଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଗୋଡ଼ାଇଲେ ଗ୍ରାହକ

ଧର୍ମଶାଳା (ଇମିସ): ବିନା ଅନୁମତିରେ ଘରେ ପଶି ବିଦ୍ୟୁତ୍ ବ୍ୟବହାର ଯାଂଚ କରୁଥିବା ଟାଟା କମ୍ପାନୀର କର୍ମଚାରୀଙ୍କୁ ବିଦ୍ୟୁତ୍ ଗ୍ରାହକମାନେ ଗାଳିଗୁଲଜ କରିବା ସହିତ ଘଉଡ଼ାଇ ଦେଇଛନ୍ତି । ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି । ପ୍ରକାଶ ଯେ, ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଜଣେ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଯାଂଚ କରିବାପାଇଁ କେତେକ କର୍ମଚାରୀ ତାଙ୍କ ଘରେ ପଶିଥିଲେ । ବିନା ଅନୁମତିରେ ଅଜଣା ଲୋକମାନେ ହଠାତ୍ ଘର ଭିତରେ ପଶିଯିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଏହାକୁ ନେଇ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଗ୍ରାହକଙ୍କ ସଂପର୍କୀୟମାନେ ଘରୁ ତଡ଼ି ଦେଇଥିଲେ । ବିଦ୍ୟୁତ୍ କର୍ମଚାରୀଙ୍କ ମାତ୍ରାଧିକ କଟକଣା ଓ ଯାଂଚକୁ ନେଇ ଅନେକ ସମୟରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଜଣାପଡ଼ିଛି ।

# ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ: ୧୨୦ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍): କଳିଙ୍ଗନଗର ସେବା ସମିତି ତରଫରୁ ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ସାଇ ରେସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରକୁ ଓଡିଶାର କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ରକ୍ତଦାନ କରୁଥିବା ବନ୍ଧୁମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସମାରୋହରେ ଯେଉଁମାନେ ତିନିଥରରୁ ଅଧିକ ଥର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ସାହାଯ୍ୟ କରିଛନ୍ତି, ସେହିପରି ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସିଦ୍ଧାର୍ଥ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତପ୍ରଚାରକ ଶ୍ରୀ ବିପିନ୍ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ସଂଘର ମହାନଗର ସଂଘଚାଳକ ଡ. ବସନ୍ତ କୁମାର ପତି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ୧୨୦ ଜଣ ରକ୍ତଦାତାଙ୍କୁ ଆୟୁର୍ବେଦିକ ବୃକ୍ଷ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ ।




# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ତାଳଚେର ଦେଉଳବେଡ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଅମ୍ବ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

# ବେତଡ଼ା ଠାରେ ପ୍ରଶାନ୍ତି ଶିଶୁ ବିହାର ପଞ୍ଚବିଂଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି

ବାସୁଦେବପୁର : ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ବେତଡା ଠାରେ ପ୍ରଶାନ୍ତି ଶିଶୁ ବିହାର ପଞ୍ଚବିଂଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି ।ଏହି ବାର୍ଷିକ ଉତ୍ସବ ରେ ଅତିଥି ମାନେ ଜଗତରନାଥ ଜଗନ୍ନାଥଙ୍କ ନିକଟ ରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପରେ ସଭା କାର୍ଯକ୍ରମ ଅନୁଷ୍ଠିତ ହୋଇଛି, ଏହି ସଭାରେ ଅତିଥି ମାନେ ଅଭିଭାଷଣ ରଖିଥିଲେ, ଅଭିଭାଷଣରେ ଛାତ୍ର ଓ ଛାତ୍ରୀ ଓ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ବିଷୟରେ ଆଲେଚ୍ନା କରିଥିଲେ ଯେ କୋମଳମତି ପିଲାଙ୍କୁ ସଂସ୍କାର ମୂଳକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢିତୋଳିବାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅଭିଭାଷଣ ରଖିଥିଲେ ।ସଭା ପରେ ପରେ ଛାତ୍ରଛାତ୍ରୀ ଙ୍କ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ରେ ଆୟୋଜିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ ବିତରଣ କରିଥିଲେ ମୂଖ୍ୟ ଅତିଥି ଶ୍ରୀଯୁକ୍ତ ଆଶୋକ କୁମାର ଦାସ, ବାସୁଦେବ ପୁର ବିଧାୟକ, ବିଶିଷ୍ଟ ଅତିଥି ଶ୍ରୀଯୁକ୍ତ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବାସୁଦେବ ପୁର ବ୍ଲକ ଅଧକ୍ଷ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଗୋବିନ୍ଦ ଚ଼ନ୍ଦ୍ର ମଲିକ, ସରପଞ୍ଚ ବରଣ୍ଡିଆ ଗ୍ରାମ ପଞ୍ଚାୟତ, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଲିକ, ତୁଳମତୁଳା ସଂଯୋଜକ ଆଞ୍ଚଳିକ ସାଧନ କେନ୍ଦ୍ର, ଗୋବିନ୍ଦ ଚ଼ନ୍ଦ୍ର ପାଣିଗ୍ରାହି ବିଦ୍ୟଳୟର ପ୍ରଧାନ ଆରାର୍ଯ୍ୟ. ଶ୍ରୀଯୁକ୍ତ ପୂର୍ଣ୍ଣଚ଼ନ୍ଦ୍ର ପରିଡା ଶ୍ରୀଯୁକ୍ତ ତୈ୍ୟାରି ବେହେରା, ଶ୍ରୀମତୀ ଅନିତା ପଣ୍ଡା । ଅନୁଷ୍ଠିତ ଏହି ଉତ୍ସବରେ,ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ଅଭିଭାବକ ମାନେ ଉପସ୍ଥିତ ଥିଲେ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୂଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହାୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି। ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ। ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି। ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି। ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Wednesday March 26 ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୨୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ରୋଟାରୀ ପକ୍ଷରୁ ବରମୁଣ୍ଡା ବସଷ୍ଟାଣ୍ଡରେ ଚକ୍ଷୁ ପରୀକ୍ଷା ଶିବିର



ଭୁବନେଶ୍ୱର,(ପି.ଏନ): ବରମୁଣ୍ଡା ବସଷ୍ଟାଣ୍ଡ ପରିସରରେ ରୋଟାରୀ ଆନ୍ତର୍ଜାତୀୟ ଜିଲ୍ଲା ୩୨୬୨,ମାଷ୍ଟର ଗିରିଜା ମେମୋରିଆଲ ରୋଡ ସେଫଟି ଫାଉଣ୍ଡେସନ ଟ୍ରଷ୍ଟ ଓ କମିଶନରେଟ ଟ୍ରାଫିକ, ଭୁବନେଶ୍ୱରର ମିଳିତ ସହଯୋଗରେ ବସ୍ ଚାଳକ ଓ ସହକାରୀ କର୍ମଚାରୀ ମାନଙ୍କର ନିମନ୍ତେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଅଛି। ବରମୁଣ୍ଡା ବସ ମାଲିକ ସଙ୍ଘର କାର୍ଯ୍ୟାଳୟ ଗୃହ ମଧ୍ୟରେ ରୋଟାରୀ ରୟାଲ ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପ୍ରାୟ ୧୦୦ରୁ ଉର୍ଦ୍ଧ ବସ ଚାଳକ ଓ କର୍ମଚାରୀ ମାନଙ୍କର ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା। ରୋଟାରୀ ପ୍ରାନ୍ତପାଳ ରୋଟାରୀଆନ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିସିପି ଟ୍ରାଫିକ ତପନ କୁମାର ମହାନ୍ତି,ବରମୁଣ୍ଡା ବସ ମାଲିକ ସଂଘର ସଭାପତି ରୋଟାରୀଆନ ବରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବସ୍ ଚାଳକ ମାନଙ୍କୁ ଚକ୍ଷୁ ପରୀକ୍ଷା ନିମନ୍ତେ ଉତ୍ସାହିତ କରିଥିଲେ। ରାସ୍ତା ଦୁର୍ଘଟଣା ରୋକିବା ନିମନ୍ତେ ସୁସ୍ଥ ଗାଡି ଚାଳନା ନିମନ୍ତେ ଉପଯୁକ୍ତ ସମୟ ବ୍ୟବଧାନରେ ବସ ଚାଳକ ମାନେ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା କରାଇବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବସ୍ ଚାଳକ ମାନଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ରୋଟାରୀ ଜିଲ୍ଲା ସଡକ ସୁରକ୍ଷା ଅଧକ୍ଷା ତଥା ମାଷ୍ଟର ଗିରିଜା ମେମୋରିଆଲ ରୋଡ୍ ସେଫଟି ଟ୍ରଷ୍ଟର ଅଧକ୍ଷା ଅମୀୟବାଳା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସହଯୋଗର ହାତ ବଢ଼ାଇଥିଲେ ଆରସିବି ଭୁବନେଶ୍ୱର ସେଣ୍ଟେନିଆଲର ସଭାପତି ରୋଟାରୀଆନ କର୍ଣ୍ଣେଲ ସୋନାଲି ରଥ। ଜିଲ୍ଲା ସଡକ ସୁରକ୍ଷା ସହ ଅଧକ୍ଷ ରୋଟାରୀଆନ ଶାକ୍ୟସିଂହ ପଟ୍ଟନାୟକ ଓ ବ୍ୟୋମକେଶ ପୃଷ୍ଟିଙ୍କ ସହ ରୋଟାରୀଆନ ବିଘ୍ନେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଓଡ଼ିଶା ପ୍ରଶାସନିକ ସେବାର ଅଫିସର ଟ୍ରେନିଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ଭୁବନେଶ୍ୱର, (ପି.ଏନ): ଜନସାଧାରଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି ତଥା ସେମାନଙ୍କର ହିତ ଉଦ୍ଦେଶ୍ୟରେ ସରକାର ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ପ୍ରଣୟନ ସହିତ କାର୍ଯ୍ୟକ୍ରମମାନ ଆରମ୍ଭ କରିଥାନ୍ତି। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିପରି ସାଧିତ ହୋଇପାରିବ ତାହା ସୁନିଶ୍ଚିତ କରିବାର ଦାୟିତ୍ୱ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କର। କିନ୍ତୁ ପ୍ରଶାସନିକ ଅଧିକାରୀଭାବେ ପ୍ରଥମେ ସେହି ଯୋଜନା ଯାହା ସାମାଜିକ ସୁରକ୍ଷା, ଜନକଲ୍ୟାଣ କିମ୍ବା ବିକାଶମୂଳକ ତାହା ସଂପର୍କରେ ଅଧିକ ଜାଣିବା, ବୁଝିବା ଦ୍ୱାରା ତାହାର ସୁଫଳ ସଂପର୍କରେ ସେମାନେ ସଠିକ୍ ଭାବେ ଜନସାଧାରଣଙ୍କୁ ବୁଝାଇବାରେ ସକ୍ଷମ ହୋଇପାରିବେ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି ଓଡ଼ିଶା ପ୍ରଶାସନିକ ସେବାର ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଫିସର ଟ୍ରେନିମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜି ରାଜ ଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶା ରାଜସ୍ୱ ସେବାରୁ ଓଡ଼ିଶା ପ୍ରଶାସନିକ ସେବାକୁ ପଦୋନ୍ନତି ପ୍ରାପ୍ତ ୭୧ ଅଫିସର ଟ୍ରେନି ଓ ପ୍ରତ୍ୟକ୍ଷଭାବେ ନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା – ୨୦୨୨ ବ୍ୟାଚ୍‌ର ୭୮ ଅଫିସର ଟ୍ରେନି ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ରାଜ୍ୟପାଳ ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କୁ ନିଜ ମଧ୍ୟରେ ଶିଖିବାର ପ୍ରବୃତ୍ତିକୁ ଜାରି ରଖି ଜ୍ଞାନର ପରିଧିକୁ ବ୍ୟାପକ କରି ଦୃଢ଼ ଆତ୍ମ ବିଶ୍ୱାସର ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରିବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପରି ସାମାଜିକ ସୁରକ୍ଷା ଯୋଜନାର ଉପକାରିତା ଓ ଉପଯୋଗିତା, ସୌର ଶକ୍ତିର ବ୍ୟାପକ ବ୍ୟବହାର ନିମନ୍ତେ କାର୍ଯ୍ୟକାରୀ କରାଯାଉଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଦ୍ୱାରା ଶକ୍ତି ସଂରକ୍ଷଣ, ଇଲେକ୍ଟ୍ରିକ୍ ଯାନର ବ୍ୟବହାର ନିମନ୍ତେ ସରକାରୀ ପ୍ରୋତ୍ସାହନ ଯାହା ଦ୍ୱାରା ପେଟ୍ରୋଲ ଆଦି ଇନ୍ଧନର ଆମଦାନୀ ରାଶି ହ୍ରାସ କରାଯାଇପାରିବ ଓଏଲ୍ ପାମ୍ ମିଶନ ଦ୍ୱାରା ଖାଇବା ତେଲ ଉତ୍ପାଦନ ବୃଦ୍ଧି ସହିତ ଆତ୍ମ ନିର୍ଭର ହେବା ଉପରେ ଜୋର୍ ଦିଆଯାଇଛି ଓ ଏ ଦିଗରେ ପ୍ରଶାସନିକ ଅଧିକାରୀଭାବେ ନିଜେ ବିଶଦ ଭାବେ ଜାଣିବା ସହିତ ଜନସାଧାରଣ ଯେପରି ଏହାର ସୁଫଳ ପାଇପାରିବେ ସେଥିପାଇଁ ଯତ୍ନଶୀଳ ହେବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଯୋଜନା ସଂପର୍କରେ ଜାଣିବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟଧାରା ସଂପର୍କରେ ଅବଗତ ହେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ବିଭିନ୍ନ ଅଂଚଳର ବିଶେଷତ୍ୱ, ଅଭିନବ ପ୍ରୟାସ, ଜୀବନ-ଜୀବିକା ସଂପର୍କରେ ସର୍ବଦା ଅପ୍‌ଡେଟ ରହିବା ପାଇଁ ଦୈନିକ ସମ୍ବାଦପତ୍ର, ନ୍ୟୁଜ୍ ଚ୍ୟାନେଲର ବ୍ୟବହାର ସହିତ ପଢ଼ିବାର ଆଗ୍ରହକୁ ଜାଗ୍ରତ ରଖିବା ପାଇଁ ରାଜ୍ୟପାଳ ସେମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ସଫଳତା ସହିତ ଆହ୍ୱାନ ସଂପର୍କିତ ଏକ ବୁକ୍‌ଲେଟ୍ ପ୍ରକାଶନ କରି ତାହା ପ୍ରଶିକ୍ଷଣ ଗ୍ରହଣ କରୁଥିବା ପ୍ରଶାସନିକ ଅଧିକାରୀଙ୍କୁ ଉପଲବ୍ଧ କରିବାକୁ କହିଥିଲେ। ଏହି ଅବସରରେ ରାଜ୍ୟପାଳ ଅଧିକାରୀମାନଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ।ଏହି ସାକ୍ଷାତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଡ଼କ୍ଟର ମୋନାଲିସା ଲେଙ୍କା ଏକାଡ଼େମୀ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଅଫିସର୍ସଟ୍ରେନିଙ୍କ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଅଫିସର୍ସଟ୍ରେନିଙ୍କ ପକ୍ଷରୁ ଶ୍ରୀ ବିକାଶ କୁମାର ସାହୁ, ସାୟେଦା ନାୟେଲା, ଦିବ୍ୟ ରଂଜନ ବିଶ୍ୱାଳ ଓ ମଧୁସ୍ମିତା ବିଶି ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଏନବିଏସ ରାଜପୁତ ଉପସ୍ଥିତ ଥିଲେ। ଶେଷରେ ଅଫିସର୍ସ ଟ୍ରେନିଙ୍କ ପକ୍ଷରୁ ଆକାଂକ୍ଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଜଭବନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକାଡେମୀର ଅଧିକାରୀମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ତେଜିଲା ଆଇଆଇସିଙ୍କ ବଦଳି ପ୍ରସଙ୍ଗ : କଂଗ୍ରେସ ନେତା ପକ୍ଷରୁ ତଦନ୍ତ ଦାବୀ!

ଜଗତସିଂହପୁର,(ପି ଏନ ):ମାସେ ନପୂରୁନୁ ଥାନା ଅଧିକାରୀ ଙ୍କୁ ବଦଳି କ୍ଷ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ତିର୍‌ତ୍ତୋଲ ଥାନା ରେ, ଗତ ଫ଼େବୃଆରି ୨୬ ତାରିଖରେ ତିର୍‌ତ୍ତୋଲ ର ନୂତନ ଥାନା ଅଧିକାରୀ ଭାବେ ଯୋଗଦେଇଥିଲେ ନୂତନ ଥାନା ଅଧିକାରୀ ସୁବ୍ରତ ଦାସ ମାସେ ନପୂରୁଣୁ ଅଚାନକ ଭାବେ ବଦଳି ହେବାକୁ ନେଇ ମୁହଁ ଖୋଲିଛନ୍ତି କଂଗ୍ରେସ ନେତା। ସେହିପରି ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଥାନାର ଏସଆଇଙ୍କ ଆକସ୍ମିକ ଭାବେ ଡିସେମ୍ବର ମାସ ୧ ତାରିଖରେ ବଦଳି କରାଯିବା ପରେ ଗତ ୨୩ ତାରିଖ ଦିନ ତିର୍ତ୍ତୋଲ ଥାନାର ଆଇଆଇସି ଙ୍କୁ ସମାନ ଢଙ୍ଗରେ ବଦଳିକୁ ନେଇ ବିଭିନ୍ନ ସଂଗଠନ ଆଉ କଂଗ୍ରେସ ନେତାଙ୍କ ପକ୍ଷରୁ ତେଜିଲା ଆନ୍‌ଦୋଳନ ଦାବୀ । ଏହା ପଛରେ ବଡ଼ଧରଣର ଷଡ଼ଯନ୍ତ୍ର ଥିବା ନେଇ ମୁହଁ ଖୋଲିଛନ୍ତି ତିର୍ତ୍ତୋଲ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ହିମାଂଶୁ ଭୂଷଣ ମଲ୍ଲିକ, ଶ୍ରୀ ମଲ୍ଲିକ କହିବା ମୁତାବକ ଚୋରାବାଲି ଚାଲାଣ ସମୟରେ ତିର୍ତ୍ତୋଲ ଥାନାର ଏସଆଇ ବିଳମ୍ବିତ ରାତ୍ରିରେ ହାଇୱା ଗାଡ଼ିକୁ ଗୋଟେ ଦିନରେ ଜବତ କରିବା ପରେ ସନ୍ଧ୍ୟାରେ ଏସପି ସଂପୃକ୍ତ ଏସଆଇଙ୍କୁ ବଦଳି କରିଥିଲେ କ୍ଷ ସେହିପରି ଗତ ୧୯ ତାରିଖରେ ତିର୍‌ତ୍ତୋଲ ଥାନା ଅଧିକାରୀ ସୁବ୍ରତ ଦାସ ୮ଟି ବାଲିଗାଡ଼ି ଜବତ କରିଥିବା ଉକ୍ତଗାଡି ବିନା କାଗଜପତ୍ର ଓ ବିନା ଟ୍ରାଞ୍ଜିଟ ପାସ୍ ରେ ଜଇପୁର ବାଲିଘାଟ ରୁ ବେଆଇନ ବାଲି ଚୋରା ଚାଲାଣ ସମୟରେ ତିର୍ତ୍ତୋଲ ଥାନା ଅଧିକାରୀ ସୁବ୍ରତ ଦାସଙ୍କ ଦ୍ୱାରା ଧରା ପଡିଥିଲା, ବାଲି ଗାଡ଼ିରେ ହାତ ମାରିଥିବାରୁ ସଂପୃକ୍ତ ଆଇଆଇସି ସୁବ୍ରତ ଦାସ ଙ୍କୁ ବଦଳିର ମୁହଁ ଦେଖାଇ ଦିଆଯାଇଛି କ୍ଷ ପରିସ୍ଥିତି ଏବେ ଏମିତି ଯେ ଏବେ ବ୍ରିଟିଶ ଶାସନ ଚାଲିଥିବାରୁ ଅନେକ ପ୍ରଶାସନିକ ଅଧିକାରୀ କଥାବାର୍ତ୍ତା ମାପିଚୁପି କରିବାକୁ ଭାବିଛନ୍ତି । ତିର୍ତ୍ତୋଲ ବ୍ଲକର ବିଡ଼ିଓ,ତିର୍ତ୍ତୋଲ ଥାନାର ଆଇଆଇସି, ତିର୍ତ୍ତୋଲ ଥାନା ଏସଆଇଙ୍କୁ ମଧ୍ୟ କିଛି କାରଣ ନଥାଇ ଅନ୍ୟତ୍ର ବଦଳି କରାଯାଇଥିଲା ମନରେ ସ୍ୱତଃ ପ୍ରଶ୍ନ ଆସେ କିଏ ସେହି ପ୍ରଭାବ ଶାଳୀ ଶାସକ ଦଳର ରାଜନେତା ? କିଏ ବାରମ୍ବାର ପୋଲିସ ପ୍ରଶାସନ ଉପରେ ଲୋପୁଦୃଷ୍ଟି ପକାଉଥିଲା ? କାହା ଇସାରା ଓ କାହା ନିର୍ଦ୍ଦେଶରେ ବେଆଇନ ହୋଇଥିଲେ ବି ମଥାପାତି ଉକ୍ତ ନିର୍ଦ୍ଦେଶ କୁ କାର୍ଯ୍ୟକାରୀ କରିଛି ଜିଲ୍ଲା ପୋଲିସ !ଯାହା ତିର୍ତ୍ତୋଲ ଆଇଆଇସିଙ୍କ ବଦଳି ନିର୍ଦ୍ଦେଶ କୁ ଆହୁରି ରହସ୍ୟା ବୃତ୍ତ କରିଛି କ୍ଷ ଯେଉଁଥିରେ ଜିଲ୍ଲା ପୋଲିସ ପ୍ରଶାସନର ସ୍ଥାଣୁତା ଓ ଅପରିପକ୍ୱତା କୁ ପ୍ରମାଣ କରୁଛି ବୋଲି କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ଏକ ପ୍ରେସ ଇସ୍ତାହାର ଜାରି କରିଛନ୍ତି ।ଅନ୍ୟପକ୍ଷେ ଯୁବନେତା ସୁନୀଲ ମାଟିଆ କହିଛନ୍ତି ବାଲିମାଫିଆ ଓ ସରକାରୀ ଦଳର ରାଜନେତା ଙ୍କ ଚାପରେ ଖଣି ଅଧିକାରୀ ଓ ପୋଲିସ ପ୍ରଶାସନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ କୁ ଭୁଲି ସରକାରୀ ରାଜସ୍ୱର ଉତ୍ସକୁ ସଠିକ ପରିଚାଳନା ଓ ସୁରକ୍ଷା ଦେବା ବଦଳରେ ଭକ୍ଷକ ସାଜିଛି, ଯାହାର ଦୃଢ ତଦନ୍ତ ସହିତ ଘଟଣା ରେ ସମ୍ପୃକ୍ତ ରାଜନେତା ଓ ବାଲିମାଫିଆ ଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବୀ କରିଛନ୍ତି । ଏବିଷୟ ରେ ଜିଲ୍ଲା ଏସପି ଭବାନୀ ଶଙ୍କର ଉଦଗାତା ଏହି ଘଟଣା କୁ ଗୁରୁତ୍ୱର ଭାବରେ ତଦନ୍ତ କରି ଅଭିଯୁକ୍ତ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଭୂଷଣ ମଲ୍ଲିକ,ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୁଲିଆ ସଂଘ ସଭାପତି ବେଦଦ୍ୟୁତି ପୃଷ୍ଟି, ଯୁବନେତା ସୁନୀଲ ମାଟିଆ, ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି । କେବଳ ଥାନା ନୁହେଁ ବ୍ଲକ ବିଡ଼ିଓ, ତହସିଲଦାର, ସମସ୍ତ ଅଧିକାରୀଙ୍କ ଅବସ୍ଥା ସମାନ ବୋଲି ସ୍ଥାନୀୟ ବୁଦ୍ଧି ମହଲରେ ଆଲୋଚନା ହେଉଛି।

# ପାରାଦୀପ ନିର୍ବାଚନ ମଣ୍ଡଳୀରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ଜନସମ୍ପର୍କ ଅଭିଯାନ ଯୋଗୁଁ ବୃଦ୍ଧି ପାଉଛି ବିଜେପି ସଂଗଠନ



ପାରାଦୀପ,(ପି.ଏପ): ପାରାଦୀପ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ରାଜ୍ୟ ଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କ ପାରାଦୀପ ନିର୍ବାଚନ ମଣ୍ଡଳୀରେ ନିରବଛିନ୍ନ ଭାବେ ତାଙ୍କର ଜନସମ୍ପର୍କ ଅଭିଯାନ ଜାରି ରଖିଛନ୍ତି । ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବଂ ନିର୍ବାଚନ ମଣ୍ଡଳୀ ରେ ଜଣସମ୍ପର୍କ ଦ୍ୱିତ୍ୱ ଦାୟିତ୍ୱ ସୁଚାରୁ ରୂପେ ଚଳାଇବା ସହ ସପ୍ତାହ ର ଶନିବାର ଓ ରବିବାର ଦୁଇଦିନ ସେ ନିର୍ବାଚନ ମଣ୍ଡଳୀ ବୁଲି ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେଉଥିବାର ଦେଖିବାକୁ ମିଳୁଛି । ତେବେ ଏଥିଯୋଗୁଁ ପାରାଦୀପ ନିର୍ବାଚନ ମଣ୍ଡଳୀରେ ସେ ଲୋକାଦୃତ ହେବା ସହ ତୃଣମୂଳ ସ୍ତରରେ ବିଜେପି ସଂଗଠନ ମଜଭୁତ ହେବାରେ ଲାଗିଛି । ସେହିପରି ପାରାଦୀପ ଶିଳ୍ପାଞ୍ଚଳରେ କିଛି ସ୍ୱାର୍ଥବାଦୀ ସମାଜବିରୋଧୀ ନେତୃତ୍ୱ ଯୋଗୁଁ ନିଯୁକ୍ତି ଓ କର୍ମସଂସ୍ଥାନ ଯୋଗାଣରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ଅଞ୍ଚଳର ନେତା ତଥା ମନ୍ତ୍ରୀ ସମ୍ପଦ ଙ୍କ ଆବିର୍ଭାବ ଏବେ ଜନସାଧାରଣ ଙ୍କ ମଧ୍ୟରେ ନୂତନ ଆଶାର ସଂଚାର କରିଛି । ସେହିପରି ସମ୍ପଦ ଙ୍କ ଘନ ଘନ ପାରାଦୀପ ଗସ୍ତ ଓ ନିଜ କଳା ସମ୍ରାଜ୍ୟ ପତନ ନିଶ୍ଚିତ ଜାଣି କିଛି ଅପରାଧିକ ଛଦ୍ମବେଶି ନେତା ମନ୍ତ୍ରୀ ଙ୍କ ନାମରେ ମିଥ୍ୟା ଅପପ୍ରଚାର କରି ତାଙ୍କୁ ବଦନାମ କରିବାର ଅପଚେଷ୍ଟା କରୁଥିବା ନେଇ ଅଭିଯୋଗ କରିଛି ପାରାଦୀପ ବିଜେପି ।

# ଇଫକୋ ପକ୍ଷରୁ ଏସସିବି ମେଡିକାଲ କୁ ହ୍ୱିଲ ଚେୟାର ବଣ୍ଟନ




ପାରାଦୀପ,(ପି.ଏନ): ବିଭିନ୍ନ ସମୟରେ ପରିବେଶ ସୁରକ୍ଷା, ପାରିପାର୍ଶ୍ୱିକ ଉନ୍ନୟନ ଓ ଦୈବୀ ଦୁର୍ବିପାକ ସମୟରେ ଇଫକୋ ର ସହଯୋଗ ସାଧାରଣରେ ବେଶ ପ୍ରଶଂସନୀୟ କ୍ଷ ତେବେ ରୋଗୀ ମାନଙ୍କ ସାଧାରଣରେ ଚଳପ୍ରଚଳ ସୁବିଧା ଓ ଆବଶ୍ୟକପାଇଁ ଇଫକୋ ପାରାଦୀପ ୟୁନିଟ ପକ୍ଷରୁ କଟକ ସ୍ଥିତ ଓଡ଼ିଶାର ମୁଖ୍ୟ ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ଚିକିତ୍ସାଳୟର ମେଡ଼ିସିନ ୱାର୍ଡ କୁ ସୋମବାର ଦିନ ହ୍ୱିଲ ଚେୟାର ବଣ୍ଟନ କରାଯାଇଛି । ସାଧାରଣ ରୋଗୀ ମାନଙ୍କ ପାଇଁ ଏହି ସହାୟତା ବେଶ ଉପଯୋଗୀ ଏବଂ ସର୍ବାଦୃତ ହୋଇଛି । ଏହି ହ୍ୱିଲ ଚେୟାର ବଣ୍ଟନ କାର୍ଯ୍ୟକ୍ରମରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଙ୍କ ସମେତ ଏସସିବି ମେଡିକାଲ କଲେଜ ଓ ଚିକିତ୍ସାଳୟର ର ମୁଖ୍ୟ ପ୍ରଫେସର ଲକି ଦାସ, ନିରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଅଶୋକ କୁମାର ମଲ୍ଲିକ, ମେଡ଼ିସିନ ବିଭାଗ ତଥା ଓଡିଶା ଆଇଏମଏ ର ସଭାପତି ପ୍ରଫେସର ଜୟନ୍ତ ପଣ୍ଡା, ଇଫକୋ ପାରାଦୀପ ର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray